ବର୍ଷ-୨୪, ସଂଖ୍ୟା-୨୭୧
ଭୁବନେଶ୍ୱର
୦୪ ନଭେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 271
Bhubaneswar
04 November, 2024 Monday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଲଜ୍ଜାଜନକ ପରାଜୟ

ପୃଥିବୀକୁ ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଛି ଧଉଳି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୧(ମହାଭାରତ): ଏକ ସାଧାରଣ ପାହାଡ ନୁହେଁ, ଧଉଳି ପାହାଡ ଓଡିଶା ଇତିହାସର ଏକ ଗୌରବମୟ ଅତୀତକୁ ଛାତିରେ ଧରି ରଖିଛି। କଳିଙ୍ଗର ବୀର ସନ୍ତାନଙ୍କ ସୌର୍ଯ୍ୟ, ସାହାସ ଓ ସାମର୍ଥ୍ୟର ପ୍ରତୀକ ଏହି ଧଉଳି। ଓଡିଆ ବୀର ସନ୍ତାନଙ୍କ ଲୁହ ଆଉ ରକ୍ତରେ ଏକାକାର ହୋଇଥିବା ତ୍ୟାଗର ତୀର୍ଥସ୍ଥଳୀ ଏହି ଧଉଳି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧଉଳି ଶାନ୍ତି ସ୍ତୁପର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ କହିଛନ୍ତି।

ଏହି ଅବସରରେ ଧଉଳି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଖ୍ରୀଷ୍ଟପୂର୍ବ ୨୬୧ରେ ଲୋମହର୍ଷଣକାରୀ କଳିଙ୍ଗ ଯୁଦ୍ଧ ପରେ ଏହିଠାରୁ ଶାନ୍ତିକୁ ଜୀବନର ବ୍ରତ କରି ବୌଦ୍ଧ ଧର୍ମକୁ ଗ୍ରହଣ କରିଥିଲେ ସମ୍ରାଟ ଅଶୋକ। ଆଜିକୁ ୫୨ ବର୍ଷ ତଳେ ଜାପାନ ସରକାରଙ୍କ ଉଦ୍ୟମରେ ପ୍ରତିଷ୍ଠା ହୋଇଥିଲା ଏହି ଶାନ୍ତିର ସ୍ତୁପ। ସେବେଠାରୁ ଆଜି ପର୍ଯ୍ୟନ୍ତ ଶାନ୍ତି ଆଉ ମୈତ୍ରୀର ପ୍ରତୀକ ସାଜିଛି ଏହି ଧଉଳି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ବୌଦ୍ଧ ଧର୍ମ ସମ୍ପର୍କରେ ଯେବେ ଆଲୋଚନା କରାଯାଏ ସେତେବେଳେ ଓଡିଶାର ନା ସବୁଠାରୁ ଆଗରେ ଆସିଥାଏ। ଓଡିଶାରେ ବୌଦ୍ଧ ଧର୍ମର ଯେତେ ପ୍ରଚାର ପ୍ରସାର ହୋଇଥିଲା ଏବଂ ଯେତେ ବୌଦ୍ଧ ବିହାର ଓଡିଶାରେ ଦେଖିବାକୁ ମିଳେ ତାହା ଭାରତବର୍ଷର ଅନ୍ୟ କୌଣସି ପ୍ରଦେଶରେ ଦେଖିବାକୁ ମିଳେ ନାହିଁ। ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀଠାରୁ ଓଡିଶାରେ ବୌଦ୍ଧ ଧର୍ମର ପ୍ରସାର ଘଟିଥିଲା। ଧଉଳି ପାଦ ଦେଶରେ ଦୟାନଦୀ କୂଳରେ ଭାରତ ଇତିହାସରେ ଏକ ନିର୍ଣ୍ଣାୟକ ମୋଡ ଆସିଥିଲା। ମଗଧର ସମ୍ରାଟ ଅଶୋକଙ୍କୁ କଳିଙ୍ଗ ଯୁଦ୍ଧର ବିଭୀଷିକା ଧର୍ମାଶୋକରେ ପରିଣତ କରିଥିଲା। ସମ୍ରାଟ ଅଶୋକ ଦେଶ ବିଦେଶରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ପାଇଁ ନିଜ ପୁତ୍ର ମହେନ୍ଦ୍ର ଏବଂ କନ୍ୟା ସଙ୍ଘମିତ୍ରାଙ୍କୁ ସିଂହଳ ଦେଶକୁ ଏହି ଓଡିଶାରୁ ପଠାଇଥିବା ବିଶ୍ୱାସ କରାଯାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅତୀତର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେତେବେଳେ ନୌବାଣିଜ୍ୟ ପରମ୍ପରାରେ ଓଡିଶା ସାଧବ ପୁଅ ମାନେ ସିଦ୍ଧହସ୍ତ ଥିଲେ। ବୋଇତରେ ସେମାନେ ସାତ ସମୁଦ୍ର ପାର ହୋଇ ବାଣିଜ୍ୟ କାରବାର କରିବାକୁ ଯାଉଥିଲେ। ଭାରତର ଅନ୍ୟ କୌଣସି ରାଜ୍ୟର ଲୋକମାନେ ସେତେବେଳେ ବୋଇତରେ ସମୁଦ୍ରଯାତ୍ରା ବିଷୟରେ ଜାଣି ନଥିଲେ। ତେଣୁ ବୌଦ୍ଧ ଧର୍ମର ପ୍ରଚାର ପାଇଁ ଯାଉଥିବା ବୌଦ୍ଧ ସନ୍ୟାସୀ ମାନେ ଓଡିଶାରୁ

ବିଦେଶକୁ ଯାଉଥିଲେ। ସେଥିପାଇଁ ଓଡିଶାରେ ବୌଦ୍ଧ ଧର୍ମର ବହୁଳ ପ୍ରସାର ଘଟିଥିଲା। ଯାହାର ଐତିହାସିକ ମୁକସାକ୍ଷୀ ଭାବେ ରତ୍ନଗିରି, ଲଳିତଗିରି, ଉଦୟଗିରି ଓ ଖଣ୍ଡଗିରି ଆଦିରେ ବୌଦ୍ଧ ବିହାର, ଗୁମ୍ଫା ଓ ଭଗ୍ନାବଶେଷ ଆଜି ମଧ୍ୟ ଦେଖିବାକୁ ମିଳୁଛି।

ସେ ପୁଣି କହିଥିଲେ ଧଉଳି ଗିରିରେ ଆଜି ଯେଉଁ ଶାନ୍ତିସ୍ତୁପ ନିର୍ମାଣ କରାଯାଇଛି ତାହା ସାରା ପୃଥିବୀକୁ ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଛି। ଲୋକମାନଙ୍କ ମଧ୍ୟରେ ଶାନ୍ତିର ବାର୍ତ୍ତା ପ୍ରସାର ପାଇଁ ସମ୍ରାଟ ଅଶୋକ ଏଠାରେ ଅନେକ ଗୁଡିଏ ସ୍ତୁପ ଏବଂ ଶିଳାସ୍ତମ୍ଭ ନିର୍ମାଣ କରିଥିଲେ। ଆଜିର ଏହି ଆଧୁନିକ ଶାନ୍ତିସ୍ତୁପ ଜାପାନ ବୁଦ୍ଧ ସଂଘ ଏବଂ କଳିଙ୍ଗ ନିପନ ବୁଦ୍ଧ ସଂଘ ଦ୍ୱାରା ୭୦ଦଶକରେ ନିର୍ମାଣ କରାଯାଇଥିଲା। ଦେଶ ବିଦେଶରୁ ଏଠାକୁ ଯେଉଁ ପର୍ଯ୍ୟଟକମାନେ ଆସନ୍ତି ସେମାନେ ନିଶ୍ଚୟ ଧଉଳିର ଏହି ଶାନ୍ତି ସ୍ତୁପରୁ ଅହିଂସା, ଶାନ୍ତି ଓ ଦିବ୍ୟତ୍ୱର ଅନୁଭବ ନେଇ ଫେରନ୍ତି। ଓଡିଶା ଏକ ଶାନ୍ତିପ୍ରିୟ ରାଜ୍ୟ ଭାବେ ପ୍ରସିଦ୍ଧି ଅର୍ଜନ କରିଛି। ଧଉଳି ସ୍ତୁପ ଏହି ଶାନ୍ତିପ୍ରିୟ ମନୋଭାବର ପ୍ରତୀକ। ଧଉଳି ହୁଏତ ବୌଦ୍ଧ ଧର୍ମର ଏକ କୀର୍ତ୍ତିରାଜି ହୋଇପାରେ କିନ୍ତୁ ଏହା ଓଡିଆ ଭାଷା, ସଂସ୍କୃତି ଓ ପରମ୍ପରା ସହିତ ଏପରି ଭାବେ ସମ୍ମିଳିତ ହୋଇଯାଇଛି ଯେ ରାଜ୍ୟବାସୀ ଏହାକୁ ନିଜ ସଂସ୍କୃତିର ଏକ ଅଙ୍ଗଭାବେ ମାନି ନେଇଛନ୍ତି। ଧଉଳି ଶାନ୍ତି ସ୍ତୁପର ଆହୁରି ବିକାଶ କରାଯିବ ଏବଂ ଆଖପାଖ ଅଂଚଳର ବ୍ୟାପକ ଉନ୍ନତିକରଣ କରାଯିବ। ଧଉଳି ସମେତ ଆମର ସବୁ ଐତିହ୍ୟ ସ୍ଥଳୀ ଗୁଡିକର ବିକାଶ ପାଇଁ ସମନ୍ୱିତ ଯୋଜନା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଆମ ସନାତନ ଧର୍ମ ଭଳି ବୌଦ୍ଧ ଧର୍ମର ଆଧାର ହେଉଛି ଅହିଂସା ପରୋମ ଧର୍ମ। ଯେତେବତ ସମସ୍ୟା ଆସିଲେ ମଧ୍ୟ ତା'ର ସମାଧାନ ହିଂସା ନୁହେଁ ବରଂ ତାର ସମାଧାନ ଆପୋଷ କଥାବାର୍ତ୍ତା ମାଧ୍ୟମରେ ମଧ୍ୟ ହୋଇପାରିବ। ଏହାକୁ ଆଧାର କରି ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଋଷିଆ-ୟୁକ୍ରେନ ତଥା ଇସ୍ରାଏଲ- ଆରବ ଯୁଦ୍ଧର ଶାନ୍ତି ପୂର୍ଣ୍ଣ ସମାଧାନ ପାଇଁ ନିରନ୍ତର ଚେଷ୍ଟା କରୁଛନ୍ତି। କଥାବାର୍ତ୍ତା ମାଧ୍ୟମରେ ଭାରତ ଓ ଚୀନ ମଧ୍ୟରେ ଥିବା ସୀମା ବିବାଦର ମଧ୍ୟ ସମାଧାନ ହୋଇପାରିଛି। ଆଜି ମୋଦୀଜୀଙ୍କ ନେତୃତ୍ୱରେ ଭାରତ ବିଶ୍ୱ ବନ୍ଧୁଭାବେ ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ବିଶିଷ୍ଟ ବୌଦ୍ଧ ସନ୍ୟାସୀ ଶ୍ରୀ ଟି ଓକଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ ଧଉଳି ଶାନ୍ତି ସ୍ତୁପର ଏକ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ ଧଉଳି ଏକ ଐତିହ୍ୟ ସମ୍ପନ୍ନ ମାଟି । ଭଗବାନ ବୁଦ୍ଧଙ୍କ ବାଣୀକୁ ପ୍ରଚାର କରିବା ସହିତ ଓଡିଆ ଜାତିର ବୀରତ୍ୱର ପ୍ରତୀକ ହେଉଛି ଏହି ଧଉଳି ମାଟି। ସମ୍ରାଟ ଅଶୋକଙ୍କ ଦ୍ୱାରା ବୁଦ୍ଧଙ୍କର ଅହିଂସା ଓ ସତ୍ୟର ବାର୍ତ୍ତା ଏହି ଧଉଳି ମାଟିରୁ ପରିବ୍ୟାପ୍ତ ହୋଇଛି। ବୌଦ୍ଧଧର୍ମର ପ୍ରଚାର ପ୍ରସାରରେ ଓଡିଶାର ଯୋଗଦାନ ବିଷୟରେ ଇତିହାସରେ ଲିପିବଦ୍ଧ ହୋଇରହିଛି ବୋଲି ସେ କହିଥିଲେ। ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂହ କହିଥିଲେ ଯେ କେବଳ ଓଡିଶାକୁ ନୁହେଁ ଭାରତବର୍ଷ ତଥା ସାରା ପୃଥିବୀକୁ ଶାନ୍ତିର ବାର୍ତ୍ତା ଦେଉଛି ଏହି ଧଉଳି।

ସିଙ୍ଗାପୁର ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧୧(ମହାଭାରତ): ଆଗାମୀ ଦିନରେ ବିଦେଶରୁ ଆସିବ ବଡ଼ ପୁଞ୍ଜିନିବେଶ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ଏବେଠୁ ତତ୍ପରତା ପ୍ରକାଶ କଲେଣି। ଏ ନେଇ ମୁଖ୍ୟମନ୍ତ୍ରୀ ହେଲା ପରେ ମୋହନ ଚରଣ ମାଝୀ ପ୍ରଥମ ଥର ପାଇଁ ବିଦେଶ ଗସ୍ତ କରିବାକୁ ଯାଉଛନ୍ତି। ତାଙ୍କର ଏହି ଗସ୍ତ ସିଙ୍ଗାପୁରକୁ ହେବ। ଏହି ଗସ୍ତକାଳରେ ସେ ଓଡ଼ିଶାରେ ବ୍ୟବସାୟିକ ସଂପ୍ରସାରଣ ପାଇଁ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା କରିବେ।

ମିଳିଥିବା ସୂଚନା ଅନୁସାରେ ଶ୍ରୀ ମାଝୀ ନଭେମ୍ବର ୧୮ରୁ ସିଙ୍ଗାପୁର ଗସ୍ତ କରିବେ। ସେଠାରେ ସେ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ରହିବେ। ଏହି ଗସ୍ତକାଳରେ ସେ ରୋଡ ସୋ' କରିବେ। ଏଥି ସହିତ ନିବେଶକମାନଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଏହି ଗସ୍ତ କାଳରେ ତାଙ୍କ

ସହିତ ଶିଳ୍ପମନ୍ତ୍ର ସଂପଦ ସ୍ୱାଇଁ ଓ ରାଜ୍ୟ ସରକାରଙ୍କର କିଛି ବରିଷ୍ଠ ଅଧିକାରୀ ରହିବେ।

ସୂଚନାଯୋଗ୍ୟ, ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫ ଆସନ୍ତା ଜାନୁଆରି ୨୮ ଓ ୨୯ ତାରିଖରେ ଭୁବନେଶ୍ୱରରେ ଅ।ୟୋଜନ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗତମାସ ଦେଶର ରାଜଧାନୀ ନୂଆଦିଲ୍ଲୀ ଓ ଆର୍ଥିକ ରାଜଧାନୀ ମୁମ୍ବାଇରେ ରୋଡ୍ ସୋ ଆୟୋଜନ କରାଯାଇଛି। ଏହି ଦୁଇ ସହରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଶର ଅନେକ ବିଶିଷ୍ଟ ଶିଳ୍ପପତିଙ୍କୁ ଭେଟିଛନ୍ତି। ଶ୍ରୀ ମାଝୀ ମୁମ୍ବାଇରେ ରିଲାନ୍ସ ବୋର୍ଡର ନିର୍ଦ୍ଦେଶକ ଅନନ୍ତ ଅମ୍ବାନି, ବେଦାନ୍ତ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅଗ୍ରାଲ, ଗୋଦ୍‌ରେଜ୍ ଅଧ୍ୟକ୍ଷ ନାଦିର ଗୋଦରେଜ୍, ଲକ୍ଷ୍ମୀ ଅର୍ଗାନିକ୍ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ରବି ଗୋଏଙ୍କା, ଜିଏସ୍‌ଡବ୍ଲ୍ୟୁ ଗ୍ରୁପ୍ ମୁଖ୍ୟ ସଜ୍ଜନ ଜିନ୍ଦଲ, ଲେସ୍ନର ବିଜୟ ଗୋଏଙ୍କା ଓ ବାଳକୃଷ୍ଣ ଗୋଏଙ୍କାଙ୍କୁ ଭେଟିଥିଲେ। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କ୍ଲକ୍ଲେଭ୍-୨୦୨୫ ପାଇଁ ବିଶିଷ୍ଟ ଶିଳ୍ପପତିମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭେଟିବା ଦ୍ୱାରା କେନ୍ଦୁଝର ଜିଲ୍ଲାରେ ଜେଏସ୍‌ଡବ୍ଲ୍ୟୁ-ପୋସ୍କୋର ମିଳିତ ସହଯୋଗରେ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ହେବାର ଆଶା ଦେଖାଯାଇଛି, ଯାହା କି ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନକ ପୂର୍ବରୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

ପ୍ରଭାବଶାଳୀ ତାଲିକାରେ ଶକ୍ତିକାନ୍ତ ଦାସ ଓ ପି.କେ. ମିଶ୍ର

ଭୁବନେଶ୍ୱର,୩।୧୧(ମହାଭାରତ) ଦେଶର ପ୍ରଭାବଶାଳୀ ଅଧିକାରୀଙ୍କ ତାଲିକାରେ ଦୁଇ ଓଡ଼ିଆ ସ୍ଥାନ ପାଇଛନ୍ତି। ଇଣ୍ଡିଆ ଟୁଡେର ସ୍ୱତନ୍ତ୍ର ସଂସ୍କରଣରେ ସ୍ଥାନ ପାଇଛନ୍ତି ଦୁଇ ଓଡ଼ିଆ ପୁଅ। ହାଇ ଆଣ୍ଡ ମାଇଟି- ଦି ଅଲଟିମେଟ୍ ପାୱାର ଲିଷ୍ଟ ୨୦୨୪ରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ରହିଛନ୍ତି। ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ମଧ୍ୟ ଏହି ପାୱାରଫୁଲ୍ ଲିଷ୍ଟରେ ରହିଛନ୍ତି। ତାଲିକାର ପ୍ରଥମ ସ୍ଥାନରେ ପିକେ ମିଶ୍ର ରହିଥିବା ବେଳେ ତୃତୀୟ ରହିଛନ୍ତି ଶକ୍ତିକାନ୍ତ ଦାସ। ଇଣ୍ଡିଆ ଟୁଡେର ଏହି ସଂସ୍କରଣର ପ୍ରଭାବଶାଳୀ ରାଜନେତାଙ୍କ ତାଲିକାରେ ପ୍ରଥମ ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଥିବା ବେଳେ ବ୍ୟବସାୟୀ ତାଲିକାରେ ମୁକେଶ ଅମ୍ବାନୀ ପ୍ରଥମ ଓ ଆଇକନ ତାଲିକାରେ ଅମିତାଭ ବଚ୍ଚନ ପ୍ରଥମ ସ୍ଥାନରେ ରହିଛନ୍ତି।

ଗଞ୍ଜେଇ ମାଫିଆକୁ ଧରିଲା ଏନ୍‌ସିବି

ଭୁବନେଶ୍ୱର,୩।୧୧(ମହାଭାରତ): ଓଡ଼ିଶା ଗଞ୍ଜେଇରେ ଝୁମୁଛି ମାୟାନଗରୀ ମୁମ୍ବାଇ ଓ ରାଜଧାନୀ ନୂଆଦିଲ୍ଲୀ। ଯୁବପୀଢ଼ିଙ୍କଠାରୁ ଆରମ୍ଭ କରି ଗ୍ୟାଙ୍ଗଷ୍ଟର, ସିନେଷ୍ଟାରଙ୍କ ପର୍ଯ୍ୟନ୍ତ ନିଶାରେ ଚୁର୍ ହେଉଛନ୍ତି। ଗଞ୍ଜେଇ ଚୋରା ଚାଲାଣର ମୋଷ୍ଟ ।ଣ୍ଟେଡକୁ ଧରିବାକୁ ଭୁବନେଶ୍ୱରରେ ମୁମ୍ବାଇ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ବା ଏନ୍‌ସିବି ଟିମ୍। ଗଞ୍ଜେଇ ଚାଲାଣ ମାମଲାରେ ଜଣକୁ ଉଠାଇନେଲା ଏନ୍‌ସିବି। ଗଞ୍ଜେଇ ଚାଲାଣ କେସ୍‌ରେ ନିଲୁ ପ୍ରଧାନକୁ ଉଠାଇ ନେଇଛି ଏନ୍‌ସିବି।

ଅଭିଯୁକ୍ତ ନିଲୁ (୩୨) ଗଞ୍ଜାମ ଜିଲ୍ଲାର ବେଗୁନିଆ ପଡାର। ବେଗୁନିଆପଡାରୁ ବଲିଉଡକୁ ଗଞ୍ଜେଇ ପଠାଉଥିବା ଅଭିଯୋଗରେ ଗଞ୍ଜାମ ପୁଲିସ ସହାୟତାରେ ନିଲୁକୁ ଉଠାଇ ନେଇଛି ମୁମ୍ବାଇ ଏନସିବି। ମୁମ୍ବାଇର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ମୁମ୍ବାଇ ଏନ୍‌ସିବିର ମୋଷ୍ଟ ।ଣ୍ଟେଡ ଥିଲା ନିଲୁ। ଶନିବାର ବିଳମ୍ବିତ ରାତିରେ ଗିରଫ ଗଞ୍ଜେଇ ମାଫିଆ ନିଲୁ ପ୍ରଧାନକୁ ଧରିଥିଲା ଏନ୍‌ସିବି ଟିମ୍। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା ପରେ କୋର୍ଟରେ ହାଜର କରିଥିଲା ଏନ୍‌ସିବି।ଏପଟେ ମୁମ୍ବାଇ ପୁଲିସ ଜଣେ ଗଞ୍ଜେଇ ମାଫିଆକୁ ସାଙ୍ଗରେ ନେଇ ଆଉ ଜଣେ ଅଭିଯୁକ୍ତକୁ ଧରିବାକୁ ଆସିଥିଲା ଓଡ଼ିଶା। ଗୋଡରେ ବେଡ଼ି ପକାଇ ହୋଟେଲ ରୁମରେ ରଖିଥିବାବେଳେ ସବୁ କିଛି ଓଲଟପାଲଟ ହୋଇଗଲା। ମହାରାଷ୍ଟ୍ର ପୁଲିସକୁ ଚକମା ଦେଇ ଫେରାର ହେଉଥିବାର ଚିତ୍ର ସିସିଟିଭିରେ କଏଦ ହୋଇଛି। ଅଭିଯୁକ୍ତ ଜଣଙ୍କ ଗଜପତି ଜିଲ୍ଲାର କୁଏଲ ଶବର ବୋଲି ଜଣାପଡିଛି।

ବଲିଉଡ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ରହସ୍ୟାବୃତ୍ତ ହୋଇ ରହିଥିବାବେଳେ ନିଶା ସେବନ ଏହାର ମୁଖ୍ୟ କାରଣ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଆଉ ସେହି ଘଟଣାର ଚେର ଖୋଜୁ ଖୋଜୁ ଏକାଧିକ ବଲିଉଡ୍ ଷ୍ଟାରଙ୍କୁ ଜେରା କରିଥିଲା ଏନସିବି। ଏନସିବି ତଦନ୍ତବେଳେ ଜାଣିବାକୁ ପାଇଥିଲା ଓଡିଶାରୁ ମାୟାନଗରୀକୁ ଲମ୍ବିଛି ନିଶା କାରବାର ଚେର। ଆଉ ଏବେ ମାୟାନଗରୀର ମୋଷ୍ଟ ୱାଣ୍ଟେଡ ଅଭିଯୁକ୍ତକୁ ଧରିବା ପାଇଁ ଓଡିଶାରେ ଡେରା ପକାଇଛି ଏନସିବି।

ଦିଲ୍ଲୀ ଯିବେ ମୋହନ

ଭୁବନେଶ୍ୱର,୩।୧୧(ମହାଭାରତ): ଦୁଇ ଦିନିଆ। ଦିଲ୍ଲୀ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନଭେମ୍ବର ୪ ଅର୍ଥାତ ସୋମବାର, ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଯାଇ ୩୨ ତମ କେନ୍ଦ୍ରୀୟ ହିନ୍ଦୀ ସମିତି ବୈଠକରେ ଯୋଗଦେବେ। ଏହି ବେଠକ ଦିଲ୍ଲୀରେ ସୁଷମା ସ୍ୱରାଜ ଭବନରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ସୋମବାର ଦିନ ୧୨ଟା ୪୫ ମିନିଟରେ ଦିଲ୍ଲୀରେ ପହଞ୍ଚିବେ । ଏହାପରେ ବୈଠକରେ ଅପରାହ୍ନ ୪ଟାରେ ଯୋଗଦେବେ ସେହିଭଳି ୫ ତାରିଖରେ ଓଡ଼ିଶା ଫେରିବେ। ମୁଖ୍ୟମନ୍ତ୍ରୀ ଏହି ଗସ୍ତ ସମୟରେ ସେ ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅନ୍ୟ କେନ୍ଦ୍ର ମନ୍ତ୍ରୀ ଭେଟି ଓଡ଼ିଶାର ବିଭିନ୍ନ ପ୍ରସଙ୍ଗରେ ଆ।ଲୋଚନା କରିବା ନେଇ କାର୍ଯ୍ୟକ୍ରମ ରହିଛି ।

ଶ୍ରୀଜିଉଙ୍କ ମହାସ୍ନାନ

ପୁରୀ,୩।୧୧(**ମହାଭାରତ**): ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ବଡ଼ ମହାସ୍ନାନ ହୋଇଛି। ରବିବାର ଭିତରକାଠ ନିକଟରେ ଛେପ ପଡିବାରୁ ଅବକାଶ ନୀତି ପରେ ଶ୍ରୀଜୀଉଙ୍କ ମହାସ୍ନାନ କରାଯାଇଛି। ଏହି ସମୟରେ ପ୍ରାୟ ୧ ଘଣ୍ଟା ପାଇଁ ମାହପ୍ରଭୁଙ୍କ ଦର୍ଶନ ବନ୍ଦ କରାଯାଇଛି ।ମହାସ୍ନାନ ନୀତି ସରିବା ପରେ ଦର୍ଶନ ବ୍ୟବସ୍ଥା ସ୍ୱାଭାବିକ ହୋଇଛି।ସୂଚନା ଅନୁସାରେ, ଆ।ଜି ଭୋର ୪ଟା ୩୫ ମିନିଟ ସମୟରେ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ସମ୍ପର୍ଣ୍ଣ ହୋଇଥିଲା। ମଙ୍ଗଳ ଆ।ଳତୀ ପରେ ମଇଲମ ନୀତି ଚାଲିଥିବା ବେଳେ, ଜଣେ ବୃଦ୍ଧା ଜୟ ବିଜୟ ଦ୍ୱାର ନିକଟରେ ଛେପ ପକାଇବାରୁ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି । ଯାହାଫଳରେ ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ନୀତି ପାଇଁ ୧ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଠାକୁରଙ୍କ ନୀତି ବିଳମ୍ବ ହୋଇଥିଲା। ମହାସ୍ନାନ ପରେ ଜୟ ବିଜୟ ଦ୍ୱାର ଠାରେ ଶୋଧ ହୋଇ ଚୂନ ପଡିବା ସହ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଅନୁଷ୍ଠିତ ହୋଇଥିଲା। ଏହାପରେ ଭକ୍ତମାନେ ଶ୍ରୀଜୀୟୁଙ୍କ ଦର୍ଶନର ସାନିଧ୍ୟ ଲାଭ କରିପାରିଥିଲେ। ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଜୟ ବିଜୟ ଦ୍ୱାର ସମ୍ମୁଖରୁ ଭିତର କାଠ, ଭକ୍ତ ପ୍ରତ୍ୟାବର୍ତ୍ତନ କରୁଥିବା ବେହରଣ ଦ୍ୱାର ଯାଏ କେହି ଭକ୍ତ , ସେବାୟତ ଅବା ଯେକିହି ବ୍ୟକ୍ତିଙ୍କର କିଛି ଦୁର୍ଘଟଣା ବସତ ଶରୀରରୁ ରକ୍ତ ପଡିଲେ, ବାନ୍ତି କରିଦେଲେ ଏବଂ ଛୋଟ ଛୁଆ।, ବୃଦ୍ଧ ଲୋକ ପରିସ୍ରା, ମଳୁୟାଗ କରିଦେଲେ ସଙ୍ଗେ ସଙ୍ଗେ ମହାପ୍ରଭୁଙ୍କ ଚାଲିଥିବା ନୀତି ବନ୍ଦ କରାଯାଇଥାଏ ।

ଗ୍ରେନେଡ ବିସ୍ଫୋରଣରେ ଥରିଲା ଶ୍ରୀନଗର, ୧୦ ଆହତ

ନୂଆଦିଲ୍ଲୀ,୩।୧୧(ମହାଭାରତ): ଜମ୍ମୁ- କାଶ୍ମୀରରେ ରବିବାର ଆଉ ଏକ ଆତଙ୍କବାଦୀ ଆ।କ୍ରମଣ ହୋଇଛି। ଶ୍ରୀନଗରର ଲାଲ ଚୌକଠାରେ ଥିବା ସଣ୍ଡେ ମାର୍କେଟରେ ହୋଇଛି ଗ୍ରେନେଡ ମାଡ଼। ଏଥିରେ ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କ ସମେତ ପ୍ରାୟ ୧୦ ଜଣ ଆହତ ହୋଇଛନ୍ତି। ଆ।ହତଙ୍କୁ ଶ୍ରୀ ମହାରାଜା ହରି ସିଂହ ହସ୍ପିଟାଲରେ ଭର୍ତ୍ତ

ଉତ୍ତମ ମନୁଷ୍ୟ

ଆଜିର ସ୍ୱାର୍ଥପର ଦୁନିଆରେ ଭଲ ମଣିଷଟିଏ ଖୋଜି ବାହାର କରିବା ବହୁ କଷ୍ଟ। ଅନେକ ଭାବନ୍ତି ଜଣେ ଉତ୍ତମ ମଣିଷ ହେବାଟା ଅତି ସହଜ। ଅଧିକ ପାଠପଢ଼ି ଜଣେ ଉଚ୍ଚ ଶିକ୍ଷିତ ହୋଇ ଜଣେ କେବେହେଲେ ଭଲ ମଣିଷଟିଏ ହୋଇପାରେ ନାହିଁ। ସାଧନା ବଳରେ ଜଣେ ଅଧିକ ଜ୍ଞାନୀ ହୋଇପାରେ ଅଥବା ଚାକିରି ବାକିରି କରି ଅଧିକ ଟଙ୍କା ରୋଜଗାର କରିପାରେ। ହେଲେ ଭଲ ମଣିଷ ହେବା ଏତେ ସହଜ କାମ ନୁହେଁ। ସବୁ କାମ ପାଇଁ ଯେମିତି ଉଦ୍ୟମ ଓ ଅଧ୍ୟବସାୟ ସାଧନା ଆବଶ୍ୟକ ପଡ଼ିଥାଏ, ସେମିତି ଭଲ ମଣିଷଟିଏ ହେବା ପାଇଁ ଦରକାର ପଡ଼ିଥାଏ ଗୋଟିଏ ସଚ୍ଚୋଟ ଏବଂ ବିଶାଳ ହୃଦୟ। ଜଣେ ଭଲ ମଣିଷ ହେବାପାଇଁ ମୁହଁକୁ ସର୍ବଦା ପ୍ରସନ୍ନ ରଖିବା ଆବଶ୍ୟକ। ସହାନୁଭୂତିଶୀଳ ହେବା ଉଚିତ୍। ଯଦି କେହି ସମସ୍ୟାରେ ପଡ଼ିଛି ତା'କୁ ଯଥା ସମ୍ଭବ ସାହାଯ୍ୟ କରନ୍ତୁ। ସ୍ୱାର୍ଥପରତା, ଈର୍ଷାପରାୟଣ ଓ ଅହଂଭାବଠାରୁ ନିଜକୁ ଦୂରେଇ ରଖନ୍ତୁ। ଯଥା ସମ୍ଭବ କେବେ ବି କାହା ଉପରେ ରାଗନ୍ତୁ ନାହିଁ। ଯଦି କେହି ଭୁଲ୍ କରିଛି ଅଥବା ଭୁଲ୍ କରିବାକୁ ଯାଉଛି, ତେବେ ତାଙ୍କୁ ନମ୍ରତାପୂର୍ବକ ଭୁଲ୍ କାମ ନକରିବା ପାଇଁ ଅନୁରୋଧ କରନ୍ତୁ। ଆପଣଙ୍କୁ ଯଦି କେହି ଦୁର୍ବ୍ୟବହାର ପ୍ରଦର୍ଶନ କରେ ତେବେ ତାଙ୍କ ଉପରେ ହଠାତ୍ ଉତ୍ତ୍ୟକ୍ତ ନହୋଇ କୋମଳ କଣ୍ଠରରେ ଏଥିରେ ଆପଣଙ୍କର କୌଣସି ଭୁଲ୍ ନାହିଁ ବୋଲି ଜଣାନ୍ତୁ। ସର୍ବଦା ଆଧ୍ୟାତ୍ମବାଦୀ ହେବାକୁ ଚେଷ୍ଟା କରନ୍ତୁ। ଯଦି ଭଲ ମଣିଷଟିଏ ହୋଇ ସମସ୍ତଙ୍କର ପ୍ରିୟପାତ୍ର ହେବାକୁ ଚାହୁଁଛନ୍ତି, ତେବେ ଏହିସବୁ ମାନି ଚଳନ୍ତୁ। ରୋଗୀ, ଦୁଃଖୀ ସେବାରେ ଆତ୍ମସନ୍ତୋଷ ମିଳେ। ସେହି ଆତ୍ମତୃପ୍ତି ହିଁ ଈଶ୍ୱରପ୍ରାପ୍ତି। ସେଥିପାଇଁ କୁହାଯାଇଛି, 'ପରୋପକାରାୟ ସ୍ୱର୍ଗାୟଃ'। ଏହିସବୁ ମାର୍ଗ ଗ୍ରହଣ କଲେ ଜଣେ ଭଲ ମଣିଷ ହେବା ସହ ସମସ୍ତଙ୍କର ପ୍ରିୟ ଭାଜନ ହୋଇ ପାରିବ। ଅନ୍ୟପକ୍ଷରେ ନିଜେ ଖୁସିରେ ରହିଲେ ନିରୋଗ ଜୀବନ ଯାପନ କରିପାରିବ। ନିରୋଗ ଜୀବନଯାପନ ପାଇଁ ପ୍ରତ୍ୟହ ଯୋଗ କରନ୍ତୁ। ଏହିଭଳି ସମସ୍ତେ ସୁସ୍ଥ ଓ ସରଳ ଜୀବନଯାପନ କଲେ ହିଁ ସୁସ୍ଥ ସମାଜ ଗଢ଼ି ଉଠିବ। ତେବେ ଯାଇ ଆମେ ଜଣେ ଭଲ ମଣିଷଟିଏ ଖୋଜି ପାଇପାରିବା।

ଆର୍ଥିକ ସ୍ଥିତି ସୁଧାର୍ ଆଶେ ଘରକାନ୍ଥ ରଙ୍ଗ

ଦଶହରା ଓ ଦୀପାବଳି ପରି ପର୍ବପର୍ବାଣୀ ସମୟରେ ଅଧିକାଂଶ ବ୍ୟକ୍ତି ନିଜ ଘର ଏବଂ ଦୋକାନକୁ ସଫାସୁତୁରା କରିବା ସହ ରଙ୍ଗ କରିଥା'ନ୍ତି। ତେବେ ଘରକୁ ନୂଆ ରଙ୍ଗ କରିବା ସମୟରେ ଆପଣ ବାସ୍ତୁଶାସ୍ତ୍ରରେ ଦିଆଯାଇଥିବା ପରାମର୍ଶକୁ ଅଣଦେଖା କରିବା ଉଚିତ୍ ନୁହେଁ। ବାସ୍ତୁଶାସ୍ତ୍ରରେ ଭିନ୍ନ ରଙ୍ଗର ମହତ୍ତ୍ୱ ଭିନ୍ନ ରହିଛି। ଏଥିପାଇଁ ରଙ୍ଗ କରିବା ସମୟରେ ବାସ୍ତୁ ନିୟମ ପାଳନ କରିବା ଉଚିତ୍।

ଭାରତୀୟ ସଂସ୍କୃତି ହଳଦିଆ ରଙ୍ଗର ବିଶେଷ ମହତ୍ତ୍ୱ ରହିଛି। ହଳଦିଆ ରଙ୍ଗ ମନକୁ ଶାନ୍ତି ଦେଇଥାଏ। ଘରର ଡ୍ରଇଂରୁମ୍ କାନ୍ଥକୁ ହଳଦିଆ ରଙ୍ଗ କରିବା ଦ୍ୱାରା ଶୁଭ ଫଳ ମିଳିଥାଏ।

ଘରର ଉତ୍ତର ଭାଗକୁ ଆର୍ଥିକ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ। ଏଣୁ ଘରର ଆର୍ଥିକ ସମସ୍ୟାକୁ ସୁଧାରିବା ପାଇଁ ଉତ୍ତର ଦିଗରେ ଥିବା କାନ୍ଥରେ ସବୁଜ ରଙ୍ଗ ଦିଅନ୍ତୁ।

ବାସ୍ତୁଶାସ୍ତ୍ର ଅନୁସାରେ, ଘର କାନ୍ଥରେ ହାଲୁକା ରଙ୍ଗ ଦେବା ଭଲ। ଘରେ କଳା, ନାଲି ଏବଂ ମାଟିଆ ଭଳି ଗାଢ଼ ରଙ୍ଗର ବ୍ୟବହାର ସମସ୍ତଙ୍କୁ ଶୁଭ ଫଳ ଦେଇ ନଥାଏ।

ଦିଗ ଅନୁସାରେ ରଙ୍ଗ ଚୟନ : ଘରର ଉତ୍ତର-ପୂର୍ବ ଦିଗ ପାଇଁ ହାଲୁକା ନୀଳ ରଙ୍ଗ ଭଲ। ପୂର୍ବ ଦିଗ ପାଇଁ ଧଳା କିମ୍ବା ହାଲୁକା ନୀଳ ରଙ୍ଗ ବାଛନ୍ତୁ।

ଘରର ଦକ୍ଷିଣ-ପୂର୍ବ ଦିଗର କାନ୍ଥକୁ ଗୋଲାପୀ ଏବଂ ସିଲ୍ଲୁର୍ ରଙ୍ଗ କରନ୍ତୁ।

ଉତ୍ତର ଦିଗ କାନ୍ଥକୁ ସବୁଜ ରଙ୍ଗ କରନ୍ତୁ।

ଉତ୍ତର-ପଶ୍ଚିମ ଦିଗର ସମ୍ପର୍କ ବାୟୁ ସହ ଥିବାରୁ ଏହି ଦିଗରେ ଥିବା କାନ୍ଥରେ ହାଲୁକା ଗ୍ରେ ଏବଂ କ୍ରିମ୍ ରଙ୍ଗ ଲଗାଇଲେ ଶୁଭ ହୋଇଥାଏ।

ଦକ୍ଷିଣ ଦିଗ ପାଇଁ ଲାଲ୍ ଏବଂ ହଳଦିଆ ରଙ୍ଗ ବାଛନ୍ତୁ।

ପଶ୍ଚିମ ଦିଗକୁ ପାଣି ପାଇଁ ଉଦ୍ଦିଷ୍ଟ କୁହାଯାଉଥିବାରୁ ଏହି ଦିଗରେ ଥିବା କାନ୍ଥକୁ ନୀଳ କିମ୍ବା ଧଳା ରଙ୍ଗ କରିବା ସର୍ବଶ୍ରେଷ୍ଠ ବୋଲି କୁହାଯାଏ।



ରୁମ୍ ଅନୁସାରେ ରଙ୍ଗ :

ବେଡ୍‌ରୁମ୍ କାନ୍ଥକୁ ନୀଳ ରଙ୍ଗ କରନ୍ତୁ।

ଗେଷ୍ଟ୍ ଓ ଡ୍ରଇଂ ରୁମ୍‌ରେ ଧଳା ରଙ୍ଗ ଦିଅନ୍ତୁ।

ଆପଣଙ୍କ ଘରେ ପିଲାଙ୍କ ପାଇଁ ଉଦ୍ଦିଷ୍ଟ କୋଠରୀର କାନ୍ଥକୁ ଧଳା ରଙ୍ଗ କରନ୍ତୁ।

ରୋଷେଇ ଘରର କାନ୍ଥରେ ଲାଲ୍ ରଙ୍ଗ ଦିଅନ୍ତୁ। ବାଥ୍‌ରୁମ୍ କାନ୍ଥରେ ଧଳା ରଙ୍ଗ ଦିଅନ୍ତୁ।

ଦୁର୍ଘଟଣାରେ ଚିକିତ୍ସା ଯୋଗାଇବ 'ହେଲିକ୍ସ ସେଫ୍'

କେତେବେଳେ କେମିତି ରାସ୍ତାରେ ଆମେ ଦୁର୍ଘଟଣା ଶିକାର ହୋଇଛୁ। ଟ୍ରାଫିକ୍ ନିୟମ ନମାନିବାରୁ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି କାରଣରୁ ହଜାର ହଜାର ଲୋକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ଏବେ ଆଉ ଦୁର୍ଘଟଣାକୁ ନେଇ ଚିନ୍ତିତ ହେବାକୁ ପଡ଼ିବ ନାହିଁ। କାରଣ ଭାରତର ଜଣେ ଛାତ୍ର ଏଭଳି ନିଆରା 'ହେଲିକ୍ସ ସେଫ୍' ନାମକ ଟେକ୍‌ନିକ୍ ଉଦ୍ଭାବନ କରିଛନ୍ତି। ଯାହା ଏବେ ଲୋକଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହେବ। ଉତ୍ତରପ୍ରଦେଶର ଛାତ୍ର ଅକ୍ଷୟ ପ୍ରକାଶ ଉଦ୍ଭାବନ କରିଥିବା ଏହି ଡିଭାଇସ୍ ଦୁର୍ଘଟଣା ସମୟରେ ଲୋକମାନଙ୍କ ଜୀବନ ବଞ୍ଚାଇବାର କାମ କରିବ। ଦୁର୍ଘଟଣାରେ ଆହତ ଲୋକମାନଙ୍କୁ ଡାକ୍ତରଖାନାର ସହାୟତା କରିପାରିବ। ଏହି 'ହେଲିକ୍ସ ସେଫ୍' ଏକ ନିଆରା ଇଲୋକଟ୍ରୋନିକ୍ସ ଡିଭାଇସ୍ । ପ୍ରଥମେ ଦୁର୍ଘଟଣାଗ୍ରସ୍ତ ଆହତ ବ୍ୟକ୍ତିର ସ୍ଥିତିର ସମୀକ୍ଷା କରି ତାକୁ ଚିକିତ୍ସାରେ ସହାୟତା କରିବ। ଆହୁରି ମଧ୍ୟ ଏହି ଡିଭାଇସ୍ ଆହତକୁ ଚିକିତ୍ସାଳୟରେ ପହଞ୍ଚାଇବା ପାଇଁ ସାହାଯ୍ୟ କରିବ। ହେଲିକ୍ସ ସେଫ୍ ନାମକ ଏହି ଉପକରଣ ଆହତ ବ୍ୟକ୍ତିର ହୃଦ୍‌ସ୍ପନ୍ଦନ ଆଧାରରେ କାମ କରିଥାଏ। ଏହା ଆହତଙ୍କ ଔଷଧ, ଇଞ୍ଜେକସନ୍ ଦେବା ସହ ନିକଟରେ ଥିବା ଚିକିତ୍ସା ସୁବିଧାକେନ୍ଦ୍ରକୁ ଏକ ମେସେଜ୍ ପହଞ୍ଚାଇଦେବ। ଯାହାକି ରେଡ଼ିଓ ସିଗନାଲ ପରି କାମ କରେ। ଯେଉଁଥିରେ ଆମ୍ବୁଲାନ୍ସର ସହାୟତା ମଧ୍ୟ ମିଳିବ। ଅକ୍ଷୟଙ୍କ ଏହି ଉଦ୍ଭାବନ ପ୍ରଥମେ ତାଇୱାନ୍‌ର ଅନ୍ତଃରାଷ୍ଟ୍ରୀୟ ବିଜ୍ଞାନ ମେଳାରେ ପ୍ରଥମେ ପ୍ରଦର୍ଶିତ ହୋଇଥିଲା। 'ହେଲିକ୍ସ ସେଫ୍'କୁ ବିଶ୍ୱରେ ବହୁ ଦେଶର ବୈଜ୍ଞାନିକ ପ୍ରଶଂସା କରିଥିଲେ।

ରାତିରେ କୁକୁର କାନ୍ଦେ କାହିଁକି

ଅଧିକାଂଶ କୁକୁର ରାତିରେ କାନ୍ଦୁଥିବା ବା କାନ୍ଦିବା ପରି ଭୁକୁଥିବା ଆପଣମାନେ ଶୁଣିଥିବେ। ଲୋକମାନେ କୁକୁର କାନ୍ଦିବାର ଭିନ୍ନ ଭିନ୍ନ କାରଣ ଦର୍ଶାଇଥାନ୍ତି। କିଛି ଲୋକ ଏହାକୁ ଅଶୁଭ ସଙ୍କେତ ବୋଲି ମଧ୍ୟ କହିଥାନ୍ତି। କେହି କେହି କହନ୍ତି ଯେ, କୁକୁର ଏମିତି ଭୁକିବାର କାରଣ ହେଲା, କୌଣସି ଏକ ମୃତ୍ୟୁ ସମ୍ପର୍କରେ ଆଗୁଆ ସୂଚନା ମିଳିବା। କେବେ ଭାବିଛନ୍ତି, ସତରେ କ'ଣ ଏହା ଅଶୁଭ ନା ଆଉ କିଛି। ତେବେ ଚାଲନ୍ତୁ ଜାଣିବା ରାତି ସମୟରେ କୁକୁର କାନ୍ଦିବା ପରି ଭୁକିବାର ରହସ୍ୟ ସମ୍ପର୍କରେ।

ବାର୍ତ୍ତା: ସର୍ବ ପ୍ରଥମେ ଆପଣଙ୍କୁ ଏକଥା ଜାଣିବା ଜରୁରୀ ଯେ, ଯେତେବେଳେ କୁକୁର ଭୁକନ୍ତି ବା କାନ୍ଦନ୍ତି ଏହାର ଅର୍ଥ ସେ ନିଜ ସନ୍ଦେଶ ଆଉ କାହାକୁ ଦେବାକୁ ଚାହୁଁଛନ୍ତି। କୁହାଯାଏ କୁକୁର କାନ୍ଦି ନିଜ ସନ୍ଦେଶ ଅନ୍ୟ ସାଥିମାନଙ୍କ ପାଖରେ ପହଞ୍ଚାଇଥାଏ।

କଷ୍ଟ: ଯେତେବେଳେ ବି କୁକୁର ଚିତ୍କାର କରେ ବା ଭୁକେ, ସେହି ସମୟରେ ନିଜର ଅନ୍ୟ ସାଥୀମାନଙ୍କୁ ନିଜ ଉପସ୍ଥିତି ଜଣାଇବାକୁ ଚେଷ୍ଟାକରନ୍ତି। କିନ୍ତୁ ବୈଜ୍ଞାନିକଙ୍କ ଯୁକ୍ତି ଅନୁସାରେ, ଯେତେବେଳେ କୁକୁର କଷ୍ଟରେ ଥାଏ ସେ ସମୟରେ ସେ ଏହିପରି ଚିତ୍କାର କରି କାନ୍ଦିଥାଏ।

ଏକୁଟିଆପଣ: କୁକୁରକୁ ଏକୁଟିଆ ରହିବା ଆଦୌ ପସନ୍ଦ ନୁହେଁ। ସେ ଯେତେବେଳେ ଘରେ ହେଉ କିମ୍ବା ବାହାରେ ଏକୁଟିଆ ରୁହେ ତାକୁ କାନ୍ଦ ଲାଗେ, ତେଣୁ ସେ କାନ୍ଦିବା ଆରମ୍ଭ କରେ। ଏମିତିକି ଯେତେବେଳେ କୁକୁର ଏକା ଅନୁଭବ କରେ ସେତେବେଳେ ବି ସେ ଏମିତି କରିଥାଏ।



ଆତ୍ମା: ଜ୍ୟୋତିଷଙ୍କ କହିବା ଅନୁସାରେ, କୁକୁର ସବୁଠୁ ଅଧିକ ସେ ସମୟରେ କାନ୍ଦନ୍ତି, ଯେତେବେଳେ ତାଙ୍କ ଆଖପାଖରେ କୌଣସି ଆତ୍ମା ଥାଏ। ଏହାର ଅର୍ଥ ଜ୍ୟୋତିଷବିଦ୍ୟା ଅନୁଯାୟୀ, ଆମେ ଦେଖିପାରୁ ନଥିବା ଆତ୍ମାମାନଙ୍କୁ କୁକୁର କିନ୍ତୁ ଦେଖିପାରେ। ତେଣୁ ସେ ଏପରି କାନ୍ଦ ପରି ଭୁକିବା ଆରମ୍ଭ କରିଦିଏ।

ନାରୀର ଷୋହଳ ଶୃଙ୍ଗାର

ନବରାତ୍ରୀରେ ମାଆ ଦୁର୍ଗାଙ୍କର ବିଶେଷ ପୂଜା କରାଯାଇଥାଏ। ନବରାତ୍ରୀର ନଅ ଦିନରେ ଭକ୍ତମାନେ ମାଆଙ୍କୁ ଭିନ୍ନ ଭିନ୍ନ ରୂପରେ ପୂଜା କରିଥାନ୍ତି। ମା ଦୁର୍ଗାଙ୍କ ଷୋହଳ ଶୃଙ୍ଗାରର ବହୁତ ମହତ୍ତ୍ୱ ରହିଛି। ମହିଳା ଓ ଝିଅମାନେ ମଧ୍ୟ ଷୋହଳ ଶୃଙ୍ଗାର କରିଥାନ୍ତି। ଆସନ୍ତୁ ଜାଣିବା ଏପରି କରିବାର କ'ଣ କାରଣ ରହିଛି। ଝିଅ ଓ ବୋହୂମାନେ ଷୋହଳ ଶୃଙ୍ଗାର କରିବା ଦ୍ୱାରା ଘରେ ସୁଖ ଓ ଶାନ୍ତି ବୃଦ୍ଧି ହୋଇଥାଏ। ଶୃଙ୍ଗାର କରିବା ଦ୍ୱାରା ମହିଳାମାନେ ସୁନ୍ଦର ଦେଖାଯିବା ସହ ଭାଗ୍ୟର ଉନ୍ନତି ମଧ୍ୟ ହାଇଥାଏ। ଆସନ୍ତୁ ଜାଣିବା ଷାହଳ ଶୃଙ୍ଗାର କହିଲେ କେଉଁ ସବୁ ଦ୍ରବ୍ୟକୁ ବୁଝାଇଥାଏ।

ବିନ୍ଦି: କୁକୁମ କିମ୍ବା ବିନ୍ଦି ମଥାରେ ଲଗାଇବା ଶୁଭ ଅଟେ। ବିବାହିତ ମହିଳାମାନେ ମଥାରେ ଲାଲ ରଙ୍ଗର ସିନ୍ଦୂର ଓ ବିନ୍ଦି ଲଗାଇବା ଉଚିତ।

ସିନ୍ଦୂର: ସିନ୍ଦୂରକୁ ବିବାହିତ ନାରୀମାନଙ୍କ ମୁଖ୍ୟ ଆଭୂଷଣ କୁହାଯାଏ। ଏହା ଦ୍ୱାରା ସ୍ୱାମୀଙ୍କର ଆୟୁଷ ବୃଦ୍ଧି ହାଇଥାଏ।

କଜଳ: ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି ଆଖି ଦ୍ୱାରା ହୋଇଥାଏ। ଆଖିରେ କଜଳ ଲଗାଇବା ଦ୍ୱାରା ଏହା ଅଧିକ ସୁନ୍ଦର ଦେଖାଯାଇଥାଏ। ଏହା ସହ କଜଳ ଲଗାଇବା ଦ୍ୱାରା ଖରାପ ଦୃଷ୍ଟି ମଧ୍ୟ ପଡ଼ିନଥାଏ।

ମେହେନ୍ଦି: ମେହେନ୍ଦି ଲଗାଇବା ବିବାହିତ ନାରୀମାନଙ୍କ ପ୍ରତୀକ ଅଟେ। ଯେକୌଣସି ଶୁଭ କାର୍ଯ୍ୟ ପୂର୍ବରୁ ମହିଳାମାନେ ନିଜ ହାତ ଓ ପାଦରେ ମେହେନ୍ଦି ଲଗାଇଥାନ୍ତି। ନବ ବିବାହିତ ବୋହୂ ହାତରେ ମେହେନ୍ଦି ଅଧିକ ଗାଢ଼ ହାଇଥାଏ। ଏହା ଦ୍ୱାରା ତାଙ୍କ ସ୍ୱାମୀ ତାଙ୍କୁ ଅଧିକ ଭଲପାଇଥାନ୍ତି ବୋଲି କୁହାଯାଏ।

ଲାଲ ରଙ୍ଗର ପୋଷାକ: ମା' ଦୁର୍ଗାଙ୍କୁ ଲାଲ ରଙ୍ଗ ଅତ୍ୟନ୍ତ ପ୍ରିୟ ଅଟେ। ମା'ଙ୍କୁ ପ୍ରସନ୍ନ କରିବା ପାଇଁ ନବରାତ୍ରୀରେ ଲାଲ ରଙ୍ଗର ପୋଷାକ ପିନ୍ଧନ୍ତୁ।

ଗଜରା: ଚୁଟିରେ ଗଜରା ଲଗାଇବା ଦ୍ୱାରା ତାହା ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ମା'ଙ୍କୁ ମଲ୍ଲୀଫୁଲର ଗଜରା ଅଧିକ ପ୍ରିୟ ଅଟେ। ତେଣୁ ଚୁଟିରେ ଖାସା କରି ଗଜରା ଲଗାନ୍ତୁ।

ମଥାସିନ୍ଥି: ମଥାର ମଝିରେ ସିନ୍ଥି ଲଗାଇବା ଦ୍ୱାରା ମହିଳାମାନେ ଅଧିକ ସୁନ୍ଦର ଦେଖାଯାଆନ୍ତି। ବିବାହିତ ନାରୀମାନେ ମଥାରେ ସିନ୍ଦୂର ଲଗାଇ ସିନ୍ଥି ଲଗାଇବା ଉଚିତ। ଏପରି କରିବା ଦ୍ୱାରା ଜୀବନରେ ସୁଖଶାନ୍ତି ବଜାୟ ରହିଥାଏ।

ନାକର: ବିବାହିତ ନାରୀମାନେ ନାକର ଲଗାଇବା ଦ୍ୱାରା ଅଧିକ ସୁନ୍ଦର ଲାଗନ୍ତି। ମହିଳାମାନେ ବିଶେଷ କରି ଛୋଟ ନାକର ଲଗାଇବାକୁ ପସନ୍ଦ କରନ୍ତି।

କାନ ଫୁଲ: କାନ ଫୁଲ ପିନ୍ଧିବା ଦ୍ୱାରା ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଏତଦ୍‌ବ୍ୟତୀତ ଏହି କାରଣରୁ ଝିଅମାନଙ୍କ ବିବାହ ପରେ ଶାଶୁଘର ଲାକଙ୍କ ଶତ୍ରୁ ସଂଖ୍ୟା କମିଯାଏ।

ବ୍ରତ: ବିବାହ ପରେ ପ୍ରତ୍ୟେକ ମହିଳା ବ୍ରତ ପିନ୍ଧିଥାନ୍ତି। ଏହାକୁ ବାହୁରେ ପିନ୍ଧା ଯାଇଥାଏ। ବ୍ରତ ପିନ୍ଧିବା ଦ୍ୱାରା ପରିବାରରେ ଧନବୃଦ୍ଧି ହୋଇଥାଏ।

ଚୁଡ଼ି: ଚୁଡ଼ି ବିବାହିତା ନାରୀମାନଙ୍କ ପ୍ରତୀକ ଅଟେ। ବିବାହିତା ନାରୀମାନେ ହାତରେ ସର୍ବଦା ଚୁଡି ପିନ୍ଧିବା ଉଚିତ। ଚୁଡି ରଙ୍ଗର ମଧ୍ୟ ଅନେକ ବିଶେଷ ମହତ୍ତ୍ୱ ରହିଛି। ମହିଳାମାନେ ଲାଲ ରଙ୍ଗର ଚୁଡି ପିନ୍ଧିବା ଦ୍ୱାରା ବିବାହ ପରେ ଖୁସି ରହିବା ସହ ପ୍ରତ୍ୟେକ ସନ୍ତୁଷ୍ଟ ହୋଇଥାନ୍ତି।

ମୁଦି: ବିବାହ ପୂର୍ବରୁ ଉଭୟ ପୁଅ ଓ ଝିଅଙ୍କର ନିର୍ବନ୍ଧ ହୋଇଥାଏ। ସେହି ମୁଦିକୁ ହାତର ତର୍ଜନୀ ଆଙ୍ଗୁଠିରେ ଧାରଣ କରାଯାଇଥାଏ। ବିବାହ ପରେ ମଧ୍ୟ ହାତରେ ମୁଦି ଧାରଣ କରିବା ଦ୍ୱାରା ପରସ୍ପର ପ୍ରତି ଭଲ ପାଇବା ଓ ବିଶ୍ୱାସ ବଢ଼ିଥାଏ।

ଅଣ୍ଟା ବିଛା: ଅଣ୍ଟା ବିଛା ମଧ୍ୟ ମହିଳାମାନଙ୍କର ଏକ ଆଭୂଷଣ ଅଟେ। ଏହାକୁ ମହିଳାମାନେ ବିବାହ ପରେ ପିନ୍ଧିଥାନ୍ତି। ନବ ବିବାହିତାମାନେ ଅଣ୍ଟାରେ ଚାବି ମଧ୍ୟ ଲଗାଇଥାନ୍ତି। ଏପରି କରିବା ଦ୍ୱାରା ସଧବାମାନେ ନିଜ ଘରର ମୁଖ୍ୟ ଭାବେ ପରିଗଣିତ ହୋଇଥାନ୍ତି।

ମଙ୍ଗଳ ସୂତ୍ର: ବିବାହିତ ମହିଳାମାନେ ମଙ୍ଗଳ ସୂତ୍ର ପିନ୍ଧିଥାନ୍ତି। ଏହା ବିବାହିତା ନାରୀଙ୍କ ପ୍ରମୁଖ ଆଭୂଷଣ ଅଟେ। ନାରୀମାନେ ମଙ୍ଗଳ ସୂତ୍ର ପିନ୍ଧିବା ଦ୍ୱାରା ସ୍ୱାମୀଙ୍କ ଆୟୁଷ ବୃଦ୍ଧି ହୋଇଥାଏ। ମଙ୍ଗଳ ସୂତ୍ରରେ ଥିବା କଳା ମାଳି ଦ୍ୱାରା କୁଦୃଷ୍ଟିର ପ୍ରଭାବ କମ୍ ହୋଇଥାଏ।

ଗୋଡ଼ ମୁଦି: ପାଦର ପ୍ରଥମ ଓ ଶେଷ ଆଙ୍ଗୁଠିକୁ ଛାଡ଼ି ଅନ୍ୟ ତିନୋଟିରେ ମୁଦି ପିନ୍ଧାଯାଇଥାଏ। ବିବାହ ସମୟରେ ଝିଅ ଯେତେବେଳେ ଶିଳପୁଆରେ ଗୋଡ ରଖିଥାଏ ସେତେବେଳେ ଭାଉଜ ମୁଦି ପିନ୍ଧାଇଥାନ୍ତି। ଏପରି କରିବା ଦ୍ୱାରା ଶାଶୁଘରେ ତାଙ୍କୁ ଲକ୍ଷ୍ମୀ ରୂପେ ବିବେଚନା କରିଥାନ୍ତି।

ପାଉଁଜି: ପାଦରେ ପାଉଁଜି ପିନ୍ଧିବା ଦ୍ୱାରା ତାହା ଅଧିକ ସୁନ୍ଦର ଦେଖାଯାଇଥାଏ। ପାଦରେ ସର୍ବଦା ଚାନ୍ଦିର ପାଉଁଜି ପିନ୍ଧିବା ଉଚିତ। ଭୁଲରେ କେବେ ବି ପାଦରେ ସୁନାର କୌଣସି ଆଭୂଷଣ ପିନ୍ଧନ୍ତୁ ନାହିଁ। ଏହାଦ୍ୱାରା ମା' ଲକ୍ଷ୍ମୀଙ୍କର ଅପମାନ ହୋଇଥାଏ।

ଝାଳର ଦୁର୍ଗନ୍ଧ ପାଇଁ ଦାୟୀ ନୁହେଁ ବ୍ୟାକ୍ଟେରିଆ

ଯଦି ଆପଣଙ୍କ ଝାଳର ଦୁର୍ଗନ୍ଧକୁ ନେଇ ଚିନ୍ତାରେ ରହୁଥାନ୍ତି । ତେବେ ଏହା ପଛରେ ଥିବା କାରଣ ବିଷୟରେ ଜାଣିବା ଆପଣଙ୍କ ଦାୟିତ୍ୱ । ପ୍ରାୟ ସମସ୍ତଙ୍କ ଦେହରୁ ଝାଳ ବାହାରିଥାଏ । ଶରୀରର ତାପମାତ୍ରା ବଜାୟ ରଖିବା ପାଇଁ ଝାଳ ବାହାରିଥାଏ । ଯେତେବେଳେ ଶରୀରର ତାପମାତ୍ରା ବଢିଯାଏ, ସେତେବେଳେ ସ୍ୱେଦ ଗ୍ରନ୍ଥି ଶରୀରର ତାପମାତ୍ରାକୁ ନିୟନ୍ତ୍ରିତ କରିବା ପାଇଁ ସକ୍ରିୟ ହୋଇଉଠେ । ଝାଳ ଆସିବା ପରେ ଶରୀରର ତାପମାତ୍ରା ସାମାନ୍ୟ ହୋଇଥାଏ। କିନ୍ତୁ ଯଦି ଏହି ଝାଳ ଦୁର୍ଗନ୍ଧ ହେଉଥାଏ । ତେବେ ଏହାର କାରଣ ଜାଣିବା ଆବଶ୍ୟକ । କିଛି ଲୋକଙ୍କର ଧାରଣା ରହିଛି ଯେ ଝାଳ ଆସିବାର କାରଣ ହେଉଛି ବ୍ୟାକ୍ଟେରିଆ । ଅବଶ୍ୟ ଏହା ସତ । ଏହାବ୍ୟତୀତ ମଧ୍ୟ ଅନେକ କାରଣ ରହିଛି, ଯାହା ଝାଳରୁ ଦୁର୍ଗନ୍ଧ ସୃଷ୍ଟି କରିଥାଏ । ଆସନ୍ତୁ ଜାଣିବା ଏହି କାରଣ ଗୁଡ଼ିକ ବିଷୟରେ ଷ୍ଟ୍ରେସ୍ ଯୋଗୁ ଦୁର୍ଗନ୍ଧ- ଝାଳରୁ ଦୁର୍ଗନ୍ଧ ଆସିବାର ପ୍ରମୁଖ କାରଣ ଷ୍ଟ୍ରେସ୍ । ଷ୍ଟ୍ରେସ୍ ଓ ଆଗ୍‌ଜାଇଟି ହେବା ଦ୍ୱାରା ବ୍ୟକ୍ତିଠାରେ ଅଧିକ ଝାଳ ଆସିଥାଏ । ଆଉ ସେହି ଝାଳରୁ ଦୁର୍ଗନ୍ଧ ମଧ୍ୟ ବାହାରିଥାଏ । ଏହି ସ୍ଥିତିରେ ଷ୍ଟ୍ରେସ୍ ମ୍ୟାନେଜ୍ କରିବା ଆବଶ୍ୟକ । ମଧୁମେହ- ଯେଉଁ ଲୋକଙ୍କଠାରେ ମଧୁମେହ ସମସ୍ୟା ଥାଏ, ସେମାନଙ୍କ ପରିସ୍ରା ଓ ଝାଳରୁ ଦୁର୍ଗନ୍ଧ ଆସିବା ସ୍ୱାଭାବିକ । ମଧୁମେହ ହେବା ପରେ ବ୍ୟକ୍ତି ଶରୀରରେ ପର୍ଯ୍ୟାପ୍ତ ମାତ୍ରାର ଇନ୍‌ସୁଲିନ୍ କ୍ଷରଣ ହୋଇ ନଥାଏ କିମ୍ବା ତାହା ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ ହୋଇ ନଥାଏ । ତେଣୁ ଉଚ୍ଚ ରକ୍ତଚାପ ସମସ୍ୟା ହୋଇଥାଏ ।

ହର୍ବାଲ୍ ଟି ପିଇଲେ କମିଥାଏ ଥାଇରଏଡ୍ ଆଶଙ୍କା

ଦୁଗ୍ଧ ଏବଂ ଚିନିରେ ପ୍ରସ୍ତୁତ ଚା ପିଇଲେ ଆମକୁ ଫ୍ରେସ ଲାଗିଥାଏ । ଆମ ମାନଙ୍କ ମଧ୍ୟରୁ ଅଧିକାଂଶ କ୍ଲାନ୍ତ ହୁଅନ୍ତି ନାହିଁ । କିନ୍ତୁ ଅଧିକାଂଶ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ସୁସ୍ଥ ମନେ କରନ୍ତି ନାହିଁ । କାରଣ ଏଥିରେ ଅଧିକ ପରିମାଣର କ୍ୟାଫେନ୍ ଥାଏ । ଯାହା ଉଚ୍ଚ ରକ୍ତଚାପ ଏବଂ ମଧୁମେହର ଆଶଙ୍କା ବଢାଇଥାଏ ବୋଲି ବିବେଚନା କ

ରାଜ୍ୟସ୍ତରୀୟ ଧାନ କ୍ରୟ କମିଟିର ନିଷ୍ପତ୍ତି

ଚଳିତ ମାସରୁ ଆରମ୍ଭ ହେବ ଧାନ କିଣା

ଭୁବନେଶ୍ୱର,୩।୧୧ (ମହାଭାରତ): ରାଜ୍ୟସ୍ତରୀୟ ଧାନ କ୍ରୟ କମିଟି ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଡିଶା ଖାଦ୍ୟ ଓ ଯୋଗାଣ ନିଗମର ଅଧ୍ୟକ୍ଷଶ୍ରୀ ବୀର ବିକ୍ରମ ଯାଦବ, ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସାକ୍ସେନା, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଭାରତୀୟ ଖାଦ୍ୟ ନିଗମର ଆଂଚଳିକ କାର୍ଯ୍ୟାଳୟର ସାଧାରଣ ପରିଚାଳକଙ୍କ ସମେତ କମିଟିର ଅନ୍ୟ ସଦସ୍ୟ ମାନେ ଯୋଗ ଦେଇଥିଲେ ।

ଚଳିତ ମାସରୁ ରାଜ୍ୟରେ ସବୁ ସ୍ଥାନରେ ଧାନ କିଣା ଆରମ୍ଭ ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଡିଶା ଖାଦ୍ୟ ଓ ଯୋଗାଣ ନିଗମର ଅଧ୍ୟକ୍ଷ ଶ୍ରୀ ଯାଦବଖରିଫ ୨୦୨୪-୨୫ ଧାନ କିଣା ପରିଚାଳନା ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରିଥିଲେ । ଗତ ୨୩ଅକ୍ଟୋବରରେ ରାଜ୍ୟ କ୍ୟାବିନେଟ୍ ଖରିଫ ୨୦୨୪-୨୫ ପାଇଁ ଖାଦ୍ୟ ଶସ୍ୟ କ୍ରୟ ନୀତି ଅନୁମୋଦନ କରିଛନ୍ତି । ଅନୁମୋଦିତ ନୀତି ସମସ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ଏଥିପାଇଁ ବିକେନ୍ଦ୍ରୀକୃତ ପରିଚାଳନା ମାର୍ଗଦର୍ଶିକା ପଠାଯାଇଛି । ଖରିଫ୍ ମାର୍କେଟିଂ ଋତୁ(ଖରିଫ୍ ଓ ରବି)ରେ ମୋଟ ୭୯ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ବେଳେ ସେଥିମଧ୍ୟରୁ ଖରିଫ୍ ରେ ୬୫ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ ଧାର୍ଯ୍ୟ କରାଯାଇଛି । ଚଳିତ ନଭେମ୍ବର ୨୦୨୪ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ଖରିଫ୍ ଧାନ ସଂଗ୍ରହ ହେବ । ତେବେ ଜିଲ୍ଲାମାନଙ୍କରେ ଧାନ ଅମଳ ସ୍ଥିତିକୁ ଦେଖି ଜିଲ୍ଲାପାଳମାନଙ୍କୁ ଜିଲ୍ଲା ଧାନ କିଣା ଆରମ୍ଭର ତାରିଖ ନିଷ୍ପତ୍ତି କରିବାକୁ ପରାମର୍ଶ ଦିଆଯାଇଛି ଏବଂ ଧାନକ୍ରୟ ପରିଚାଳନା କାର୍ଯ୍ୟ ନିୟମିତ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ୨୩୦୦ ଟଙ୍କା ସହିତରାଜ୍ୟ ସରକାରଙ୍କ ତରଫରୁ ଇନପୁଟ ସହାୟତା ୮୦୦ ଟଙ୍କା ମିଶାଇ ଚଳିତ ବର୍ଷ ଧାନ କିଣା ଦର କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଧାନକ୍ରୟ ପାଇଁ ଋଷୀମାନଙ୍କ ପଂଜୀକରଣ କାର୍ଯ୍ୟ ସରିଥିବା ବେଳେ ଧାନ କ୍ରୟ ପରେ ୪୮ ଘଣ୍ଟା ଭିତରେ ଋଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ସ୍ଥାନାନ୍ତରଣ କରାଯିବା ନେଇ ପ୍ରସ୍ତୁତି ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା ।

ଧାନ କ୍ରୟ ପ୍ରକ୍ରିୟା ପୂର୍ବରୁ ମଣ୍ଡି ନୋଡାଲ ଅଫିସର, ମଣ୍ଡି ସୁପରଭାଇଜର ଓ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଧାନ କ୍ରୟ ସୁବ୍ୟବସ୍ଥା ପାଇଁ ଜିଲ୍ଲାପାଳମାନେ ଜିଲ୍ଲାରେ ଜଣେ ଜଣେ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରିବେ, ଯେଉଁମାନଙ୍କର ତଥ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପୋର୍ଟାଲରେ ରହିବ । ଋଷୀମାନଙ୍କର ଅଭିଯୋଗକୁ ଜିଲ୍ଲା ନୋଡାଲ ଅଫିସରମାନେ ଗୁରୁତ୍ୱ ଦେଇ ସମାଧାନ ବ୍ୟବସ୍ଥା କରିବେ । ଜିଲ୍ଲାପାଳମାନେ ଧାନକ୍ରୟ ବ୍ୟବସ୍ଥାର ସୁପରିଚାଳନା ପାଇଁ ଆବଶ୍ୟକସ୍ଥଳେ ଜିଲ୍ଲାସ୍ତରୀୟ ଅନ୍ୟ ଅଧିକାରୀମାନଙ୍କୁ ନିୟୋଜିତ କରିପାରିବେ ।

ଧାନ କିଣା ପୂର୍ବରୁ ସମସ୍ତ ମିଲରମାନେ ସେମାନଙ୍କ ଚୁକ୍ତିନାମା କାର୍ଯ୍ୟ ଶେଷ କରିବେ, ସିକ୍ୟୁରିଟି ଡିପୋଜିଟ ଏବଂ ଧାନ କ୍ରୟ କେନ୍ଦ୍ର ସହିତ ଯୋଡିହେବେ । ଧାନ କ୍ରୟ ପ୍ରକ୍ରିୟା ପୂର୍ବରୁ ସମସ୍ତ ମିଲରେ ସ୍ମାର୍ଟ ଇଲେକ୍ଟ୍ରିସିଟି ମିଟର ରହିବ । ମଣ୍ଡିରୁ ମିଲ, ମିଲରୁ ଡିପୋ ଓ ଡିପୋରୁ ଏଫ୍‌ସିଏସ୍ ପର୍ଯ୍ୟନ୍ତ ଭେହିକିଲ୍ ଟ୍ରାକିଂ ବ୍ୟବସ୍ଥା କାର୍ଯ୍ୟକାରିତାକୁ ସୁନିଶ୍ଚିତ କରାଯିବ । ଧାନକ୍ରୟ ବ୍ୟବସ୍ଥାରେ ନିୟମିତ ତନଖିକୁ ଦୃଷ୍ଟିରେ ରଖି ଧାନ ରଖିବା ବେଳେ ଯେପରି ଏହା ଯେପରି ଗଣିବାକୁ ସହଜ ହେଉଥିବ, ସେଥିପ୍ରତି ମିଲରମାନଙ୍କୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶରହିବ ।

ଅନ୍ୟ ପକ୍ଷରେ ଖରିଫ ଧାନ ସଂଗ୍ରହ ବ୍ୟବସ୍ଥାରେ ସୂଚନା, ଶିକ୍ଷା ଓ ଯୋଗାଯୋଗକୁ ଗୁରୁତ୍ୱ ଦିଆଯାଇଛି । କୃଷକମାନଙ୍କ ସହିତ ବୈଠକ କରାଯାଇ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଅବଗତ କରାଯିବାକୁ ବୈଠକରେ ପରାମର୍ଶ ଦେଇଛନ୍ତି । ଋଷୀମାନଙ୍କ ଠାରୁ ଧାନ କ୍ରୟ ସମୟରେ ଯେପରି ମୂଲ୍ୟ ୩୧୦୦ ରୁହେ, ତାହାକୁ ନିଶ୍ଚିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ଋଷୀମାନେ ଏମଏସପି ୨୩୦୦ ଟଙ୍କା ସହିତ ଇନପୁଟ ସହାୟକ ମୂଲ୍ୟ ୮୦୦ ଟଙ୍କା ଯେପରି ପାଇବେ, ଏଥି ପାଇଁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର କରିବାକୁ ଏବଂ ଏଫ୍‌ଏକ୍ୟୁ ମାନର ଧାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ଯୋଗଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାର ଆଗାମୀ ଖରିଫ ଧାନ କ୍ରୟ ପରିଚାଳନାକୁ ଗୁରୁତ୍ୱ ଦେଉଛନ୍ତି । ଋଷୀମାନେ ତାଙ୍କ କଷ୍ଟ ଉପାର୍ଜିତ ଧାନର ପ୍ରକୃତ ମୂଲ୍ୟ ଯେପରି ପାଇବେ, ତାହା ସରକାରଙ୍କ ପ୍ରତିବଦ୍ଧତା ରହିଛି । ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଜିଲ୍ଲାରେ ଖରିଫ୍ ଧାନକ୍ରୟ ସଂପର୍କିତ ସମ୍ଭାବ୍ୟ ତାରିଖ ଓ ପ୍ରସ୍ତୁତି ସଂପର୍କରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଦୁର୍ଘଟଣାରେ ମହିଳା ମୃତ

କଟକ,୩।୧୧ (ମହାଭାରତ): ଆଠଗଡ଼ ବସ୍ ଷ୍ଟାଣ୍ଡ ଭିତରେ ଘଟିଛି ଭୟଙ୍କର ଦୁର୍ଘଟଣା । ଗୋଟିଏ ପରିବାରର ୩ ଜଣଙ୍କୁ ଋପି ଦେଇଛି ଲକ୍ଷ୍ମୀ ବସ୍ । ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଓ ଛୋଟ ପୁଅ ଗୁରୁତର ହୋଇଛନ୍ତି । ଆଠଗଡ଼ ଥାନା ଅନ୍ତର୍ଗତ ଧାଇପୁର ଗାଁର ମାନସ ପ୍ରଧାନ, ତାଙ୍କ ସ୍ତ୍ରୀ କାଜଲ ପ୍ରଧାନ ଓ ଦୁଇ ବର୍ଷର ଛୋଟ ପୁଅ ସନ୍ଧ୍ୟା ସମୟରେ ବସ୍‌ଷ୍ଟାଣ୍ଡକୁ ନିଜ ବାଇକରେ ଆସିଥିଲେ । ଗୋଟିଏ ବସ୍‌ରେ ଆସୁଥିବା ପାର୍ସଲ ନେବାକୁ ସେମାନେ ଅପେକ୍ଷା କରିଥିଲେ । ଏହି ସମୟରେ ବସ୍‌ଷ୍ଟାଣ୍ଡରେ ଗୋଟିଏ ଲକ୍ଷ୍ମୀ ବସ୍ ଧୁଆ ହେଉଥିଲା । ମାନସ ପାର୍ସଲ ପାଇଁ ଉକ୍ତ ବସ୍ ପଛ ପଟେ ଅପେକ୍ଷା କରି ରହିଥିଲେ । ହଠାତ ଲକ୍ଷ୍ମୀ ବସର ଚାଳକ ଗାଡ଼ିକୁ ବ୍ୟାକ କରି ଦେବା ସହ ବାଇକରେ ଅପେକ୍ଷା କରିଥିବା ୩ ଜଣଙ୍କ ଉପରେ ମଡ଼ାଇ ଦେଇଥିଲେ । ସେମାନେ ଚିତ୍କାର କରିଥିଲେ ମଧ୍ୟ ଡ୍ରାଇଭରଙ୍କୁ ଏହା ଶୁଭି ନଥିଲା । ପୂରା ପରିବାରକୁ କିଛି ବାଟ ଘୋଷାଡ଼ି ନେବା ପରେ ଗାଡ଼ିଟି ଅଟକି ଥିଲା । ଖବର ପାଇ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମାନସ, କାଜଲ ଓ ସେମାନଙ୍କ ପୁଅଙ୍କୁ ତୁରନ୍ତ ଆଠଗଡ଼ ହସ୍ପିଟାଲ ନେଇଥିଲା ।

ବର୍ଷକରେ ୫୦ ହାତୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଭୁବନେଶ୍ୱର,୩।୧୧ (ମହାଭାରତ): ରାଜ୍ୟରେ ଅସ୍ୱାଭାବିକ ହାତୀ ମୃତ୍ୟୁ ଘଟଣା ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ସିଂ ଖୁଣ୍ଟିଆ ନିଜ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ସେ କହିଛନ୍ତି, ଚଳିତ ବର୍ଷ ୫୦ଟି ହାତୀଙ୍କର ଅସ୍ୱାଭାବିକ ମୃତ୍ୟୁର ତଦନ୍ତ ରିପୋର୍ଟ ଆଗାମୀ ଏକ ମାସ ଭିତରେ ଦାଖଲ କରାଯାଉ ।

ବନ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଲେଖିଥିବା ଚିଠିରେ ମନ୍ତ୍ରୀ ରାଜ୍ୟରେ ହାତୀମାନଙ୍କର ଅସ୍ୱାଭାବିକ ମୃତ୍ୟୁକୁ ରୋକିବା ପାଇଁ ଅତିରିକ୍ତ ଯତ୍ନ ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶାରେ ହାତୀମାନଙ୍କର ଅସ୍ୱାଭାବିକ ମୃତ୍ୟୁକୁ ରୋକିବା ପାଇଁ ରାଜ୍ୟ ସରକାର ଗଜସାଥୀ ଏବଂ ରାପିଡ୍ ଆକ୍ସନ ଟିମ୍ ଗଠନ କରିଛନ୍ତି । ହାତୀମାନଙ୍କ ସୁରକ୍ଷା ପାଇଁ ଆଇନଗତ ସୁରକ୍ଷା ବ୍ୟବସ୍ଥା ସହିତ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାକୁ ଜଙ୍ଗଲ ଅଧିକାରୀଙ୍କ ପକ୍ଷରୁ ଅଧିକ ଯତ୍ନ ଏବଂ ଆନ୍ତରିକତା ଆବଶ୍ୟକ ।

ସୁରକ୍ଷିତ ପରିବେଶରେ ବାସ କରିବା ବନ୍ୟଜନ୍ତୁମାନଙ୍କ ଅଧିକାର । ସେମାନଙ୍କୁ ଆଇନଗତ ସୁରକ୍ଷା ମଧ୍ୟ ପ୍ରଦାନ କରାଯାଇଛି । ସେମାନଙ୍କ ନିରାପତ୍ତା ନିଶ୍ଚିତ କରାଯିବା ନିମନ୍ତେ ଉପଯୁକ୍ତ ସତର୍କତାମୂଳକ ପଦକ୍ଷେପ ନିଆଯିବା ସର୍ବଥା ଜରୁରୀ । ବନ ବିଭାଗ ଅଧିକାରୀମାନେ ଏଥି ନିମନ୍ତେ ଉତ୍ତରଦାୟୀ ହେବା ଆବଶ୍ୟକ । କୌଣସିମତେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ସତର୍କ କରାଇଦେଇଛନ୍ତି । ୨୦୨୪ ଆରମ୍ଭରୁ ଏ ଯାବତ୍ ଘଟିଥିବା ଅସ୍ୱାଭାବିକ ହାତୀମୃତ୍ୟୁ ଘଟଣାଗୁଡ଼ିକୁ ବନଖଣ୍ଡୱାରୀ ପ୍ରସ୍ତୁତ କରାଯାଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ । ଜଙ୍ଗଲ ସମେତ ବନ୍ୟଜନ୍ତୁମାନଙ୍କର ସୁରକ୍ଷା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ।

ବଜେଟ୍ ପାଇଁ ପ୍ରସ୍ତାବ ମାଗିଲା ଅର୍ଥ ବିଭାଗ

ଭୁବନେଶ୍ୱର,୩।୧୧ (ମହାଭାରତ): ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବାର୍ଷିକ ବଜେଟ୍ ଉପସ୍ଥାପନ ନିମନ୍ତେ ଆଜିଠୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସରକାରଙ୍କ ଚିହ୍ନିତ ୧୦ଟି ପ୍ରାଥମିକତା ରଣନୀତିକ କ୍ଷେତ୍ରକୁ ଦୃଷ୍ଟିରେ ରଖି ଆସନ୍ତା ଡିସେମ୍ବର ୨୦ତାରିଖ ସୁଦ୍ଧା ବଜେଟ୍ ପ୍ରସ୍ତାବ ପଠାଇବା ପାଇଁ ପ୍ରଶାସନିକ ବିଭାଗଗୁଡ଼ିକୁ ଆଜି ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ନିଆଯାଇଥିବା ନୀତି ଉପରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଆକଳନ ଆଧାରିତ ହେବ ବୋଲି ଅର୍ଥ ବିଭାଗ ସ୍ପଷ୍ଟ କରିଛି । ଏହାସହିତ ରାଜ୍ୟର ଅର୍ଥନୀତି ଚଳିତ ଆର୍ଥିକ ବର୍ଷରେ ୮%ରୁ ୮.୫% ହାରରେ ବୃଦ୍ଧି ପାଇବ ଓ ଏହି ଅଭିବୃଦ୍ଧି ହାର ୨୦୨୫-୨୬ରେ ମଧ୍ୟ ଜାରି ରହିବ ବୋଲି ଅର୍ଥ ବିଭାଗ ଆକଳନ କରିଛି ।

ରାଜ୍ୟ ଅର୍ଥ ବିଭାଗର ପ୍ରମୁଖ ସଚିବ ଆଜି ସମସ୍ତ ବିଭାଗର ସଚିବଙ୍କୁ ଚିଠି ଲେଖି ୨୦୨୫ ଫେବୃୟାରୀ ତୃତୀୟ ସପ୍ତାହରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ବିଧାନସଭାରେ

ଉପସ୍ଥାପିତ ହେବ । ତେଣୁ ୨୦୨୪-୨୫ ପାଇଁ ସଂଶୋଧିତ ଆକଳନ ଓ ୨୦୨୫-୨୬ ନିମନ୍ତେ ବଜେଟ୍ ଆକଳନର ପ୍ରକ୍ରିୟା ଶୀଘ୍ର ଶେଷ ହେବା ଆବଶ୍ୟକ ବୋଲି କହିଛନ୍ତି । ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ବଜେଟରେ ଗ୍ରହଣ କରିଥିବା ନୀତି ଆଧାରରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଆକଳନ ପ୍ରସ୍ତୁତ ହେବ ବୋଲି ଶ୍ରୀ ମିଶ୍ର ସ୍ପଷ୍ଟ କରିବା ସହ ରାଜ୍ୟ ସରକାର ବିକାଶର ୧୦ଟି ସ୍ତମ୍ଭ ଚିହ୍ନଟ କରିଥିବା ସୂଚନା ଦେଇଛନ୍ତି । ବିଜେପି ସରକାରଙ୍କ ବିକାଶର ୧୦ଟି ସ୍ତମ୍ଭ ହେଲା- ଅନ୍ନଦାତା(କୃଷକ), ନାରୀ ଶକ୍ତି(ମହିଳା), ସାମାଜିକ ନ୍ୟାୟ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବ୍ୟବସ୍ଥା, ସାବଲୀଳ ଜୀବନଶୈଳୀ, ମୌଳିକ ନାଗରିକ ସୁବିଧା, ବିକଶିତ ଗାଁ-ବିକଶିତ ସହର-ବିକଶିତ ଓଡ଼ିଶା, ଶିଳ୍ପ, ରୋଜଗାର ଓ କର୍ମନିଯୁକ୍ତି, ଓଡ଼ିଆ । ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି ଏବଂ ଲୋକଙ୍କ ସରକାର । ଲୋକଙ୍କ ସାମଗ୍ରିକ ଅଭିବୃଦ୍ଧି ଓ ଉନ୍ନତ ଜୀବନଧାରଣର ମାନକୁ ଧ୍ୟାନରେ ରଖି ଉତ୍ତର ଜନସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅର୍ଥ ବିଭାଗ କହିଛି ।

ଶିଳ୍ପ ଏବଂ ସାମୁଦ୍ରିକ ଜୈବପ୍ରଯୁକ୍ତିବିଦ୍ୟା ଉପରେ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୩।୧୧ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆସ' । ନଭେମ୍ବର ୪ ଓ ୫ ଦୁଇ ଦିନ ଧରି 'ରିସର୍ଚ୍ଚ ଆଣ୍ଡ ଇନୋଭେସନ୍‌ସ ଇନ୍ ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ମେରାଇନ୍ ବାୟୋଟେକ୍ନୋଲେଜି: ଏ ସର୍କୁଲାର ଇକୋନୋମି' ଶୀର୍ଷକ ଜାତୀୟ କର୍ମଶାଳାର ଆୟୋଜନ କରାଯାଇଛି ।

ସୋଆର ସେଂଟର ଫର୍ ଇଣ୍ଡଷ୍ଟ୍ରିଆଲ୍ ବାୟୋଟୋକ୍ନୋଲୋଜି ରିସର୍ଚ୍ଚ (ସିଆଇବିଆର) ଏହି କର୍ମଶାଳାର ଆୟୋଜନ କରିଥିବାବେଳେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନସ୍ଥ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ ଏହାର ପୃଷ୍ଠପୋଷକ ରହିଛି । ଏହା ବ୍ୟତୀତ ନ୍ୟାସ୍‌ନାଲ୍ ରିସର୍ଚ୍ଚ ଡେଭଲପ୍‌ମେଂଟ କର୍ପୋରେସନ୍ (ଏନଆରଡିସି) ଓ ବାୟୋଟୋକ୍ନୋଲୋଜି ରିସର୍ଚ୍ଚ ସୋସାଇଟି ଅଫ୍ ଇଣ୍ଡିଆର ମିଳିତ ସହଯୋଗରେ ଏହା ଆୟୋଜିତ ହେଉଛି ।

ସମ୍ମିଳନୀରେ ବିଶିଷ୍ଟ ଗବେଷକ, ଶିଳ୍ପ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକ ଯୋଗ ଦେବାର କାର୍ଯ୍ୟକ୍ରମ ଥିବା ବେଳେ ଅଭିନବ ଜୈବପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଉପରେ ଆଲୋଚନା କରାଯିବ ବୋଲି ସୋଆ ସିଆଇବିଆର୍‌ର ନିର୍ଦ୍ଦେଶକ ତଥା ଏହି ଜାତୀୟ ସମ୍ମିଳନୀର ଆବାହକ ପ୍ରଫେସର ହୃଦୟନାଥ ଥାଟୋଇ କହିଛନ୍ତି । ବର୍ତମାନ ପରିସ୍ଥିତିରେ ବିଶ୍ୱରେ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ଓ ମେରାଇନ୍ ବାୟୋଟେକ୍ନୋଲଜିର ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତନ ଭଳି ଜଟିଳ କ୍ଷେତ୍ରରେ ବିଶେଷ ଭୂମିକା ରହିଛି । ଏହି ବିଷୟ ବସ୍ତୁକୁ ନେଇ ହିଁ ସମ୍ମିଳନୀର ଆୟୋଜନ କରାଯାଇଥିବା ପ୍ରଫେସର ଥାଟୋଇ କହିଛନ୍ତି ।

ପ୍ରଫେସର ଥାଟୋଇ କହିଛନ୍ତି ଯେ ମେରାଇନ୍ ବାୟୋଟେକ୍ନୋଲଜି ଦ୍ୱାରା ସାମୁଦ୍ରିକ ସଂପଦର ଅଶେଷ ସମ୍ଭାବନାକୁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବା ସହ ଜୈବପ୍ରଯୁକ୍ତିରେ ଶୈକ୍ଷିକ ଗବେଷଣା ଓ ବ୍ୟବହାରିକ ପ୍ରୟୋଗ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବ । ଶିଳ୍ପ ପ୍ରୟୋଗ ପାଇଁ ଜୈବିକ ପ୍ରକିୟା ଗୁଡିକୁ ବ୍ୟବହାର କରିବା ଦ୍ୱାରା ଏହି କ୍ଷେତ୍ର ଗୁଡିକରେ ପାରମ୍ପରିକ ପଦ୍ଧତିର ସ୍ଥାୟୀ ବିକଳ୍ପ ସୃଷ୍ଟି ହେବ । ୨୦୨୩ ମସିହାରେ ସୋଆ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ସିଆଇବିଆର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମୁଦ୍ର, କୃଷି, ପରିବେଶ, ଫାର୍ମାସ୍ୟୁଟିକ୍ସ ଏବଂ ମେଡିକାଲ୍ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣାକୁ ଅଧିକ ପ୍ରୋତ୍ସାହିତ କରିବା ବୋଲି ପ୍ରଫେସର ଥାଟୋଇ କହିଛନ୍ତି । ବର୍ତମାନ ବିଶ୍ୱରେ ପରିବେଶକୁ ନେଇ ଉଦ୍‌ବେଗ ସୃଷ୍ଟି ହେଉଥିବା ବେଳେ ହ୍ୱାଇଟ୍ ବାୟୋଟେକ୍ନୋଲୋଜି ଏବଂ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲୋଜିର ଅନେକ ଗୁରୁତ୍ୱ ରହିଛି ବୋଲି ସେ କହିଛନ୍ତି ।

ବିଶ୍ୱଙ୍କ ନେତୃତ୍ୱରେ ଜନ ସମ୍ପର୍କ ପଦଯାତ୍ରା

ବରୀ,୩।୧୧ (ମହାଭାରତ): ବରୀ ନିର୍ବାଚନ ମଣ୍ଡଳୀର ଯୁବ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପଦଯାତ୍ରା ସ୍ଥାନୀୟ ବରୀ ମାଉଣ୍ଡ ଠାରୁ ଆରମ୍ଭ ହୋଇ ଅଟିରା ପଂଚାୟତ ସ୍ଥିତ ସନ୍ଥନ ମଠ ଠାରେ ଶେଷ ହୋଇଛି । ଉକ୍ତ ଜନ ସମ୍ପର୍କ ପଦଯାତ୍ରା ଅବସରରେ ବରୀ ମାଉଣ୍ଡ ଠାରେ ଆୟୋଜିତ ସଭାରେ ପ୍ରାକ୍ତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ଯୋଗ ଦେଇ ବରୀ ହେଉଛି ଏକ ସଂଗ୍ରାମୀ ମାଟି । ଏହି ଅଂଚଳର ସଂଗ୍ରାମୀ ଯୁବ ବନ୍ଧୁ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ମା ଭୋଉଣି ମାନେ ଗତ ସାଧାରଣ ନିର୍ବାଚନରେ ସଂଗ୍ରାମୀ ଯୁବ ନେତା ବିଶ୍ୱ ରଞ୍ଜନ ମଲ୍ଲିକଙ୍କୁ ଓଡିଶାର ସର୍ବାଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରାଇଥିବାରୁ ମୁଁ ସେଇ ଭୋଟର ମାନଙ୍କୁ ମଥାନତ ପ୍ରଣାନ ଜଣାଉଛି ବୋଲି ମତ ରଖିଥିଲେ । ଆଗାମି ଦିନରେ ଯୁବ ବିଧାୟକ ଶ୍ରୀ ମଲ୍ଲିକ ଙ୍କ ନେତୃତ୍ୱରେ ଉନ୍ନୟନ ମୂଳକ କାର୍ଯ୍ୟ କ୍ଷେତ୍ରରେ ସମସ୍ତ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଅପରେ ପକ୍ଷରେ ଏହି କାର୍ଯ୍ୟକ୍ର

ଇରାନର ମିସାଇଲ ମାଡ

ଏବେ ବି ହମାସ କବଜାରେ ଇସ୍ରାଏଲର ଅନେକ ପଣବନ୍ଦୀ ଅଛନ୍ତି। କିଛି ପଣବନ୍ଦୀ ହମାସ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ଅକ୍ଟୋବର ୭ର ଆକ୍ରମଣ ପରେ ଇସ୍ରାଏଲ ପ୍ରତିଶୋଧ ପରାୟଣ ହେବା ସ୍ୱାଭାବିକ। ହମାସ ବିରୋଧରେ ସେହିଦିନ ଇସ୍ରାଏଲ ଯୁଦ୍ଧ ଘୋଷଣା କରିବା ସହ ଏହାର ମୁଖ୍ୟ କେନ୍ଦ୍ର ଗାଜା ଷ୍ଟ୍ରିପ ଉପରେ ଆକ୍ରମଣ କରିଥିଲା। ଏବେ ସୁଦ୍ଧା ଏହା ଜାରି ରହିଛି। ଏଥିରେ ହଜାର ହଜାର ନିରୀହ ବ୍ୟକ୍ତିଙ୍କ ସହ ଅନେକ ହମାସ ଆତଙ୍କୀ ନିହତ ହୋଇଛନ୍ତି। ଗାଜା ସହର ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ ହୋଇଛି। ତଥାପି ଯୁଦ୍ଧରେ ବିରାମ ହୋଇନି। ଇସ୍ରାଏଲ ଉପରେ ହମାସ ରବିବାର ଦିନ ମିସାଇଲ ମାଡ଼ କରିଛି। ଇସ୍ରାଏଲ ପକ୍ଷରୁ ଗାଜାର ଏକ ମସଜିଦ ଉପରେ ମିସାଇଲ ମାଡ଼ କରାଯିବା ଫଳରେ ୨୪ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ପକ୍ଷରେ ହମାସ ସପକ୍ଷରେ ଇରାନ, ଲେବାନନ, ୟେମେନ ଓ ସିରିଆ ବାହାରିଛନ୍ତ। ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଅତି ଜଟିଳ ହୋଇଛି। ଇରାନ ସମର୍ଥିତ ଲେବାନନର ହେଜବୁଲ୍ଲା ସଙ୍ଗଠନ ଓ ହୁତି ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଇସ୍ରାଏଲ ବିରୋଧରେ ଯୁଦ୍ଧ ଚାଲିଛି। ଇରାନ ପକ୍ଷରୁ ଇସ୍ରାଏଲ ଉପରେ ମିସାଇଲ ବର୍ଷା କରାଯାଉଛି। ଏହାର ପ୍ରତିଶୋଧ ନେବାକୁ ଇସ୍ରାଏଲ ଏବେ ପ୍ରସ୍ତୁତ ହେଉଛି। ଯାହା ଆଶଙ୍କା କରାଯାଉଛି ଇସ୍ରାଏଲ ଶୀଘ୍ର ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିବ। ଅନ୍ୟ ପକ୍ଷରେ ହେଜବୁଲ୍ଲା ବିରୋଧରେ ଇସ୍ରାଏଲ ପକ୍ଷରୁ ଆଖିବୁଜା ଆକ୍ରମଣ ଚାଲିଛି। ଏଥିରେ ହେଜବୁଲ୍ଲା ମୁଖ୍ୟ ନସରଲ୍ଲା ଓ ତାର ଅନେକ ସହଯୋଗୀ ପ୍ରାଣ ହରାଇଛନ୍ତି। ହେଜବୁଲ୍ଲାର ମେରୁଦଣ୍ଡ ଭାଙ୍ଗିଗଲାଣି। ତଥାପି ଏହା ଇସ୍ରାଏଲ ବିରୋଧରେ ଲଢ଼େଇ ଜାରି ରଖିଛି। ସେପଟେ ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟୋତୋଲ୍ଲା ଖାମେନୀ ଇସ୍ରାଏଲ ବିରୋଧରେ ବିଶ୍ୱର ସବୁ ମୁସଲମାନ ରାଷ୍ଟ୍ର ଏକାଠି ହେବାକୁ ଆହ୍ୱାନ କରିଛନ୍ତି। ଏହା ଏକ ବିପଜ୍ଜନକ ବକ୍ତବ୍ୟ। ଏଭଳି ଧର୍ମାନ୍ଧତା ଯୋଗୁ ହିଁ ଆଜି ମଧ୍ୟପ୍ରାଚ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଇସ୍ରାଏଲ ବିରୋଧରେ ସବୁ ମୁସଲମାନ ରାଷ୍ଟ୍ର ଏକାଠି ହେବାକୁ ଆହ୍ୱାନ ଏକ ମଧ୍ୟଯୁଗୀୟ ଚିନ୍ତାଧାରାର ନମୂନା। ବର୍ତ୍ତମାନ ଯୁଗରେ ଆଇ ଧାର୍ମିକ ମୌଳବାଦୀ ଚିନ୍ତାଧାରା ଗ୍ରହଣୀୟ ନୁହେଁ। ଖାମେନୀ ଇସ୍ରାଏଲ ଉପରେ ଇରାନର ମିସାଇଲ ଆକ୍ରମଣ ଏବଂ ଇସ୍ରାଏଲ ଉପରେ ବର୍ଷକ ତଳେ ହମାସର ଆକ୍ରମଣକୁ ଯଥାର୍ଥ ବୋଲି କହିଛନ୍ତି। ଏହା ଯେତିକି ନିନ୍ଦନୀୟ ସେତିକି ମାରାତ୍ମକ। ଇରାନ ବିରୋଧରେ ଆମେରିକା ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି ଏବଂ ଇରାନର ପରମାଣୁ ଶକ୍ତିକୁ ନଷ୍ଟ କରିବାକୁ ପରାମର୍ଶ ଦେଇଛି। ଇରାନର ମିସାଇଲ ଦେଖିବା ମାତ୍ରେ ଏହାକୁ ନଷ୍ଟ କରିବା ଲାଗି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ନିଜ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ଗୋଟିଏ କଥା କୁହାଯାଇପାରେ ଯେ, ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଆମେରିକା ସହ ତୃତୀୟ ପକ୍ଷ ସାମିଲ ହୋଇସାରିଲେଣି। ଏହା ଆଉ ଏକ ବିଶ୍ୱଯୁଦ୍ଧ ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ଏହାକୁ ରୋକିବାରେ ଆମେରିକାର ବଡ଼ ଭୂମିକା ରହିଛି। ଆମେରିକା ଇସ୍ରାଏଲକୁ ଉସୁକାଇବା ପରିବର୍ତ୍ତେ ଏହାକୁ ସଂଯମତା ଅବଲମ୍ବନ କରିବାକୁ ପରାମର୍ଶ ଦେବା ଉଚିତ। ଆତ୍ମରକ୍ଷା ପାଇଁ ସବୁ ଦେଶର ଅଧିକାର ରହିଛି। କିନ୍ତୁ ଆକ୍ରମଣକୁ ଯେତେ ସର୍ବନିମ୍ନ କରାଯାଇପାରିବ ସେଥିଲାଗି ଉଦ୍ୟମ କରାଯିବା ଉଚିତ। ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟୋତୋଲ୍ଲା ଖାମେନୀ ଯେଉଁ ଆହ୍ୱାନ କରିଛନ୍ତି ସେଥିପ୍ରତି ଅଧିକାଂଶ ମୁସଲମାନ ରାଷ୍ଟ୍ର ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରି ନାହାଁନ୍ତି। ଏହା ନିଶ୍ଚିତ ଭାବେ ଆଶ୍ୱସ୍ତିର ବିଷୟ। କିନ୍ତୁ ୟେମେନେ, ସିରିଆ, ଲେବାନନ ଓ ଇରାନ ଏକାଠି ହେବା ସୁନିଶ୍ଚିତ।

ମାଟି, କୃଷି ଓ ଚାଷୀ

॥ ଡି ଶୁଭମ୍ ॥

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି।

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି। ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ। ସେଇଥି ପାଇଁ ତ ସେ ମହାନ। ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି। ଏକଥା ସତ। କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନଜେ ଚାଷୀଟଏ ହ କହିପାରିବ।

ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି, କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ। ଚାରି ବର୍ଷର ପାଠପଢ଼ାକୁ ମୁଁ ସେମାନଙ୍କୁ କହିବାକୁ ଯାଉଛି, ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି। ସେଇଥି ଘର , ସେଇଠି ସ୍ୱର୍ଗ। ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ। କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା। ଅର୍ଥାତ ଏଇ ଚାରି ଘଣ୍ଟାର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ। ସେ ମୁହୂର୍ତ୍ତ ସତରେ ସ୍ମରଣୀୟ। ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ଆଉ ମୁଁ ତ ଏହାର ଭୁକ୍ତଭୋଗୀ। ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ। ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି। ଏମିତି ଅନେକ। ସେତେବେଳେ ତ କିଛି ବୁଝିପାରି ନଥିଲି। କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ ? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି। ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ। ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି। ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି। ଅନେକ କିଛି ଶିଖିଛି। ଅନେକ ଚାଷୀଙ୍କ ସହ ମିଶିଛି। ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି। ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି। ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ, ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ। ମନେ ମନେ ଭାବିଲି, ଆମେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରିର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତ କିନ୍ତୁ ଏମାନଙ୍କ କଥା ଭାବିଲେ। ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା। ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ। ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ। କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ। ମାଟି କୃଷିର ଏନ୍ତୁଡିଶାଳ। ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଜଣକ ବିନା ଅନ୍ୟଟି ନିରୁପାୟ। ମାଟି ଉପରେ ହିଁ ଚ଼ାଷ କରେ କୃଷକ। ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ। ସବୁର ଆଧାର ମାଟି। ନିଜର ସ୍ୱାର୍ଥକୁ ଚ଼ରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି ? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି। ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚ଼ିକ୍ାର କରୁଛି। ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି। ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ। ସେତେବେଳେ ମଣିଷ କରିବ କ'ଣ ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚ଼ରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି। ଏହା ଜାଣି ବି ସବୁ ଅଜଣା। ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛ ସତ ସବୁ କାଗଜ କଲମରେ ରହିଯାଉଛି। କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି। ନିକଟରେ ଜଳସେଚ଼ନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି। ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ। କେତକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ। ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚ଼ାଷୀ ଭାଇଟିଏ ଜାଣିଛି। ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି। ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧ୍ୟୟନରତ। ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ।

ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର। ଚାଷକୁ ଭଲପାଇବାର ।। ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା। କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା। ଆମ ଚାଷୀ ଆମ ଦେଶର ବଳ। ଆମ ଶକ୍ତି ଆଉ ଚେତନାର ପରିମାପକ। ଆମ ସଂସ୍କୃତିର ମୂଳାଧାର। ସେ ଚାଷୀକୁଳକୁ ମୋର କୋଟି ନମନ ...

(ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର)

ଖୁସି, ସୁଖ ଓ ଶାନ୍ତି

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି। ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି। ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା। ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି। ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା। ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ। ଏହାର ମୂଲ୍ୟ ଅମୂଲ୍ୟ। ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା। ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧ୍ୟାତ୍ମିକ ହୋଇପାରୁନି । ଆଧ୍ୟାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ର

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ଆହାର କେନ୍ଦ୍ର ରୋଷେଇଶାଳର ଗ୍ରୀଲ ଭାଙ୍ଗି ଚୋରି

ଧାମନଗର,(ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଧାମନଗର ମେଡିକାଲ ବଜାର ନିକଟରେ ଥିବା ଆହାର କେନ୍ଦ୍ର ରୋଷେଇ ଶାଳର ଗ୍ରୀଲ ଭାଙ୍ଗି ଗତ ମଙ୍ଗଳବାର ରାତିରେ ଦୁର୍ବୃତ୍ତ ମାନେ ଆହାର କେନ୍ଦ୍ରରେ ଥିବା ୬ଟି ଷ୍ଟିଲ କେନ, ୧ଟା ବଡ ଡିସ୍ ସହିତ ୩୦ କେଜି ହରଡ ଡାଲି ଓ ରୋଷେଇ ଶାଳ ପାଇଁ ବ୍ୟବହୃତ ହେଉଥିବା ଟୁଲୁ ପାଣି ପମ୍ପକୁ ଚୋରାଇ ନେଇଥିବାର ଖବର ଜାଣିବା ପରେ ରୋଷେଇ ଦାୟିତ୍ୱରେ ଥିବା ଜନନୀ ଏସ୍ ଏଚ୍ ଜି ଗ୍ରୁପର କର୍ମକର୍ତ୍ତା ପ୍ରଥମେ ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସୂଚନା ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କ ପରାମର୍ଶ କ୍ରମେ ଜନନୀ ମହିଳା ସ୍ୱୟଂ ସହାୟିକା ଗ୍ରୁପର ସଭାପତି ସୁନତୀ ମହାପାତ୍ର ଓ ସଂପାଦିକା କଲ୍ୟାଣୀ ଦାସ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଧାମନଗର ପୋଲିସ ଅଭିଯୋଗ ପାଇବା ପରେ ଥାନା କେଶ ନମ୍ବର ୪୬୭/୨୪ରେ ଏକ ମାମଲା ରୁଜୁ କରିବା ସହିତ ଗୁରୁବାର ସକାଳ ୧୦ଟା ସମୟରେ ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁରକୁ ଆଣି ପୋଲିସ ତାର ତଦନ୍ତ ଆରମ୍ଭ କରିଛି। ଏହି ଚୋରି ଘଟଣାର ମୁଖ୍ୟ ବ୍ୟକ୍ତି ମାନେ ଖୁବ ଶିଘ୍ର ଧରାଯିବା ସହ ତାଙ୍କର ସବୁ ପରଦାଫାସ ହେବ ବୋଲି ଥାନା ଆଇଆଇସି ଫଣିନ୍ଦ୍ର ଭୂଷଣ ନାଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମାଛ ଚାଷ ପାଇଁ ୨ବର୍ଷରେ ୮୩କୋଟି ଖର୍ଚ୍ଚ

ତଥାପି ଆନ୍ଧ୍ର ଉପରେ ନିର୍ଭର

କୋରାପୁଟ,(ନି.ପ୍ର) : କୋରାପୁଟ ଜିଲ୍ଲାର ଅମିଷ ବଜାରକୁ କବଜା କରିଛି ଆନ୍ଧ୍ର। ବ୍ରଏଲର କୁକୁଡା, ଅଣ୍ଡା ଠାରୁ ଆରମ୍ଭ କରି ମାଛ ବଜାରକୁ ବି ଅକ୍ତିଆର କରିଛି ଆନ୍ଧ୍ର। ତେବେ ଏହାକୁ ରୋକିବା ଦିଗରେ ଆମେ କେତେ ଦୁର ସଫଳ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ସୃଷ୍ଟି ହୋଇଛି। ରାଜ୍ୟ ସରକାର ମତ୍ସ୍ୟ ପୋଖରୀ ଯୋଜନା ଠାରୁ ଆରମ୍ଭ କରି ମତ୍ସ୍ୟ ନୀତି ପ୍ରଣୟନ କରି ମାଛଚାଷୀଙ୍କୁ ପୋଖରୀ ଖୋଳା ଠାରୁ, ଜାଁଳ, ମାଛ ଧରିବା ଜାଲ୍ କିଣିବା ଆଦିରେ ବ୍ୟାପକ ସବସିଡି ଦେବାକୁ ଯୋଜନା କରିଥିଲେ ସୁଦ୍ଧା ଜିଲ୍ଲାରେ ଉନ୍ନତମାନର ଜାଁଳ, ଭିତ୍ତିଭୂମି ଓ ଅନୁସଙ୍ଗିକ ସୁବନ୍ଦୋବସ୍ତ ନଥିବାରୁ ମାଛ ଚାଷ କରିବାକୁ ଚାଷୀମାନେ ସେଭଳି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଜିଲ୍ଲାରେ ୪୨୨୪ଜଣ ମାଛ ଚାଷୀ ରହିଛନ୍ତି। କୋଲାବ ଡ୍ୟାମ, ମୁରାନ ଡ୍ୟାମ ଓ ମାଛକୁଣ୍ଡ ଡ୍ୟାମର ପାଡୁଆ ଜଳଭଣ୍ଡାରର ସମିତି, ୩୨୯୭ଟି ନିଜସ୍ୱ ପୋଖରୀ, ୧୨୮୧ଟି ଗ୍ରାମପଂଚାୟତ ପୋଖରୀ, ୩୨୨୦ଟି ରାଜସ୍ୱ ପୋଖରୀ, ୧୩ଟି ଏମଆଇପି, ୨୫ଟି ନଦୀ ତୁଟ, ୯ଟି ସ୍ୱାମ୍ପସ୍, ୧୧୦ଟି ଜୈବପୁଞ୍ଜ ଟାଙ୍କି ଏପରି ୭୯୫୮ଟି ମତ୍ସ୍ୟ ଉତ୍ସ ନିକଟରେ ୧୪,୧୩୭.୨୮ହେକ୍ଟର ଆୟତନରେ ମାଛ ଚାଷ କରାଯାଉଛି। ଏଥି ପାଇଁ ୨୦୨୩-୨୪ଆର୍ଥିକ ବର୍ଷରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ୭୨କୋଟି ୪୮ଲକ୍ଷ ଖର୍ଚ୍ଚ କରାଯାଇଥିବା ବେଳେ ୨୪-୨୫ଆର୍ଥିକ ବର୍ଷରେ ୧୧କୋଟି ୨୭ଲକ୍ଷ ଏଭଳି ୮୩କୋଟି ୭୬ଲକ୍ଷ ପୋଖରୀ ଖନନ ଠାରୁ ଆରମ୍ଭ କରି ବିଭିନ୍ନ ବାବଦରେ ଖର୍ଚ୍ଚ କରାଯାଇଥିବା ସୂଚନା ମିଳିଛି। ଜିଲ୍ଲା ମତ୍ସ୍ୟ ବିଭାଗର ସହାୟତାରେ ମାଛ ଚାଷ କରି ବର୍ଷକୁ କେବଳ ୧୧ହଜାର ୬୪୭ମାଟ୍ରିକ ଟନ ହିଁ ଉତ୍ପାଦନ କରୁଛନ୍ତି। ତେବେ ଜିଲ୍ଲାପାଇଁ ବର୍ଷକୁ ୨୩ହଜାର ମାଟ୍ରିକ ଟନ୍ ମାଛର ଆବଶ୍ୟକତା ରହିଛି। ଏହି ସ୍ଥିତିରେ ଜିଲ୍ଲାରେ ଉତ୍ପାଦିତ ୫୦ପ୍ରତିଶତ ମାଛ ହିଁ ଜିଲ୍ଲାର ଚାହିଦାକୁ ମେଣ୍ଟାଇ ପାରୁଛି। ବଳକା ମାଛ ଆନ୍ଧ୍ରରୁ ଆସୁଥିବା ସ୍ପଷ୍ଟ। ସମଗ୍ର କୋରାପୁଟ ଜିଲ୍ଲାରେ କେବଳ ଜୟପୁର ଉପଖଣ୍ଡର ଜୟପୁର, ବୈପାରୀଗୁଡା, କୁନ୍ଦ୍ରା, କୋଟପାଡ ଓ ବୋରିଗୁମ୍ମା ବ୍ଲକରେ ହିଁ ମାଛ ଚାଷ ଅଧିକା ହେଉଛି ବୋଲି ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ବଳକା ବ୍ଲକରେ ଠିକେ କମ୍ ଚାଷ ହେଉଛି। ଜିଲ୍ଲାରେ ଏପରିସ୍ଥିତିରେ ଜିଲ୍ଲା ପାଇଁ ବର୍ଷକୁ ୨୩ହଜାର ମେଟ୍ରାକ ଟନ୍ ମାଛର ଆବଶ୍ୟକତା ରହିଥିଲେ ହେଁ କେବଳ ଅଧା ମାଛ ହିଁ ଜିଲ୍ଲାର ଚାଷୀ ଓ ଜଳଭଣ୍ଡାର ଗୁଡିକରୁ ବାହାରିବା ମାଛ ମେଣ୍ଟାଉଛି। ବଳକା ମାଛ ଆନ୍ଧ୍ରରୁ ଆସିବା ଦ୍ୱାରା ଲୋକଙ୍କ ଚାହିଦା ମେଣ୍ଟୁଛି ବୋଲି ଜିଲ୍ଲା ମତ୍ସ୍ୟ ବିଭାଗ ବି ମାନୁଛି। ତେବେ ଏହାକୁ କିଭଳି ରୋକାଯାଇ ହେବ ତାହାକୁ ନେଇ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ସୁଶାନ୍ତ କୁମାର ରଣା ବୋଡ଼େନ ବ୍ଲକର ବିଡିଓ

ବୋଡ଼େନ,(ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକରେ ସୁଶାନ୍ତ କୁମାର ରଣା ବିଡିଓ ଦାୟୀତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀଯୁକ୍ତ ରଣା ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ବ୍ଲକର ବିଡିଓ ଥିଲେ। ସରକାରଙ୍କ ନିୟମାନୁଯାୟୀ ଆମ ବୋଡ଼େନ ବ୍ଲକର ବିଡିଓ ପ୍ରିୟରଞ୍ଜନ କୁମାର ଆଜି ରିଲିଭ ହୋଇ ବଲାଙ୍ଗୀର ଜିଲ୍ଲାର ଦେଓଗାଁ ବ୍ଲକର ବିଡ଼ିଓ ଭାବରେ ଯୋଗଦାନ କରିଛନ୍ତି। ବୋଡ଼େନ ବ୍ଲକରେ ତାଙ୍କର ଦୁଇ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଅନେକ ବିକାଶ ଦେଖିବାକୁ ମିଳିଛି। ମାଓ ପ୍ରବଣ ଅଞ୍ଚଳ ପାଟଦର୍ହା ଅଞ୍ଚଳରେ ପାନୀୟ ବ୍ୟବସ୍ଥା,ଶିକ୍ଷା ଦିଗରେ ସୁବ୍ୟବସ୍ଥା ଇତ୍ୟାଦି। ଶ୍ରମିକ ମାନଙ୍କ ହିତ ଦୃଷ୍ଟିରୁ ଜି ଆର୍ ଏସ ମାନଙ୍କୁ କମ୍ପ୍ୟୁଟର ଧରି ଗାଁକୁ ଚାଲ ଏବଂ ସେମାନଙ୍କ କାର୍ଯ୍ୟ କର - ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିପକାଇ ଥିଲା। ଆଜି ବିଡିଓ ଭାବରେ ଯୋଗଦାନ କରି ଶ୍ରୀଯୁକ୍ତ ରଣା ବ୍ଲକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମାନଙ୍କ ସହ ବୈଠକ କରି ବ୍ଲକର ବିକାଶ କଥା କହିଛନ୍ତି। ପୁଣି ମିଶନ ଶକ୍ତିର ବିଏଲସି ସୁନିତା ସୋନା, ବ୍ଲକର ସମସ୍ତ ଏମବିକେ, ବ୍ୟାଙ୍କ୍ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର, ବିଏଲଏଫ୍ ମେମ୍ବର ମାନଙ୍କ ସହିତ ବୈଠକ କରି ଅନେକ କଥା ବୁଝିଛନ୍ତି। ସାମ୍ବାଦିକ ବିଶିକେଶନ ପଣ୍ଡା, ରାମନାଥ ପଣ୍ଡା,ନୀଳମଣି ପଣ୍ଡା,ଭାଗ୍ୟବାନ ମାଝୀ, ଗଣେଶ ଚନ୍ଦ୍ର ବାଗ, ଭୁବନେଶ୍ୱର ପାଣ୍ଡେ, ମନୋଜ ଖମାରୀ,ମିନି କେତନ ନାଏକ ପ୍ରମୁଖ ସୌଜନ୍ୟ ମୂଳକ ସାକ୍ଷାତକାର କରି ଫୁଲ ତୋଡା ଦେଇ ସ୍ୱାଗତ ଜଣାଇ ବ୍ଲକର ଅନେକ ସମସ୍ୟା ଉପରେ ଆଲୋଚନା କରିଥିବାବେଳେ ବିଡିଓ ଶ୍ରୀଯୁକ୍ତ ସୁଶାନ୍ତ କୁମାର ରଣା ପ୍ରକାଶ କରି କହିଲେ କି ଏଣିକି ଆମେ ସମସ୍ତେ ମିଶି ବ୍ଲକର ବିକାଶକୁ ଆଗେଇ ନେବା। ବ୍ଲକ କାର୍ଯ୍ୟାଳୟର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ରାଉତ, ଜିପିଓ ପ୍ରଫୁଲ୍ଲ କୁମାର ନାଏକ, ଜିପିଡିଓ ଭୀଷ୍ମ କୁମାର, ସିପି ସରୋଜ କୁମାର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ଯୋଗେଶ୍ୱର ନାଏକ, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସାହୁ , ଏପିଓ ରବି ନାରାୟଣ ରାଉତଙ୍କ ସମେତ ସମସ୍ତ କର୍ମଚାରୀ ଫୁଲ ତୋଡା ଦେଇ ସୁଶାନ୍ତ କୁମାର ରଣାଙ୍କୁ ସ୍ୱାଗତ ଜଣାଇଛନ୍ତି।

ଲୋକସେବା ଭବନରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଶପଥ ପାଠରେ ଯୋଗଦେଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, (ନିପ୍ର) : ଭାରତର ସ୍ୱାଧୀନତା ସମୟରେ ଜାତୀୟ ସଂହତିରେ ପ୍ରମୁଖ ଅବଦାନ ରଖିଥିବା 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ସାରା ଦେଶରେ 'ରାଷ୍ଟ୍ରୀୟ ଏକତା ଦିବସ' ପାଳନ କରାଯାଉଛି। ଏହି ଦିବସ ଆମର ଏକତା, ଅଖଣ୍ଡତା ରକ୍ଷା ସହ ଦେଶର ନିରାପତା ପ୍ରତି ବିପଦକୁ ମୁକାବିଲା କରିବା ପାଇଁ ଆମ୍ଭମାନଙ୍କର ଅନ୍ତର୍ନିହିତ ଶକ୍ତି ଏବଂ ସହନଶୀଳତାକୁ ସୁନିଶ୍ଚିତ କରିବା ନିମନ୍ତେ ପୁନଃ ପ୍ରତିବଦ୍ଧ ହେବା ପାଇଁ ସ୍ୱତନ୍ତ୍ର ଅବସର ଦେଇଥାଏ। ଏହି ପରିପ୍ରେକ୍ଷୀରେ ଗତ ଗୁରୁବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥ ବିଭିନ୍ନ ବିଭାଗରେ 'ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ' କରାଯାଇଥିଲା। ସେହିପରି ପୂର୍ବାହ୍ନ ୧୧ଟାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ। ସମସ୍ତେ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ବଜାୟ ରଖିବା ପାଇଁ ସମର୍ପିତ ରହିବା ସହ ଦେଶବାସୀଙ୍କ ମଧ୍ୟରେ ଏହି ସନ୍ଦେଶ ପ୍ରସାର ପାଇଁ ପ୍ରଯତ୍ନ କରିବା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଯୋଗଦାନ କରିବାକୁ ଶପଥ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାରଙ୍କ ସମେତ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବିଭିନ୍ନ ଶାଖାର ଅତିରିକ୍ତ ଶାସନ ସଚିବ, ବରିଷ୍ଠ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଗଣ ଉପସ୍ଥିତ ଥିଲେ। ସେହିପରି ଲୋକସେବା ଭବନସ୍ଥିତ ବିଭିନ୍ନ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନର ଅଟ୍ରି ଠାରେ ନୂତନ ପାସେଞ୍ଜର ହଲ୍ଟ ଉଦ୍‌ଘାଟନ

ଭୁବନେଶ୍ୱର, (ନିପ୍ର) : ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନର ଅଟ୍ରି ଠାରେ ଆନୁଷ୍ଠାନିକ ଭାବେ ଏକ ନୂତନ ପାସେଞ୍ଜର ହଲ୍ଟ ଯାତ୍ରୀ ମାନଙ୍କୁ ସମର୍ପିତ କରିଛି, ଯାହା ଏହି ଅଂଚଳର ପରିବହନ ଭିତିଭୂମିରେ ଉଲ୍ଲେଖନୀୟ ଉନ୍ନତି ଘଟାଇବ। ଅଟ୍ରି ପାସେଞ୍ଜର ହଲ୍ଟ ଉଦ୍‌ଘାଟନୀ ସମାରୋହରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍‌ଏସ୍ ବଜଓ୍ୱା ଉପସ୍ଥିତ ଥିଲେ। ଅଟ୍ରି ଉସ୍ମ ପ୍ରସବଣ ଝରଣା ପାଇଁ ପ୍ରସିଦ୍ଧ ଏବଂ ଏକ ଲୋକପ୍ରିୟ ସ୍ଥଳୀ ଭାବେ ପରିଚିତ, ଯାହା ଏହି ନୂତନ ରେଳ ହଲ୍ଟକୁ ଉଭୟ ସ୍ଥାନୀୟ ବାସିନ୍ଦା ଓ ପରିଦର୍ଶକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଯାତାୟତର ସୁବିଧା ପ୍ରଦାନ କରିବ। ଅଟ୍ରି ପାସେଞ୍ଜର ହଲ୍ଟ ଠାରେ ଦଳପଲ୍ଲୀ-ଭୁବନେଶ୍ୱର ମେମୁ ପ୍ରଥମ ଟ୍ରେନ ଭାବେ ରହଣି କରିଛି। ସାଂସଦ ଶ୍ରୀମତୀ ଷଡଙ୍ଗୀ ତାଙ୍କ ଅଭିଭାଷଣରେ ରେଳମନ୍ତ୍ରୀଙ୍କୁ ଉପସ୍ଥାପନ କରିଥିବା ଅଂଚଳର ଜନସାଧାରଣଙ୍କ ଦାବି ତଥା ଆକାଂକ୍ଷା ପୂରଣ କରିଥିବାରୁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଅଟ୍ରି ପାସେଞ୍ଜର ହଲ୍ଟ ନିର୍ମାଣ କ୍ଷେତ୍ରରେ ପ୍ରାୟ ୫୮ଲକ୍ଷ ଟଙ୍କା ବ୍ୟୟ କରାଯାଇଛି, ଯେଉଁଥିରେ ୪୬୭ ମିଟର ଦୈର୍ଘ୍ୟ ପ୍ଲାଟଫର୍ମ, ୬ ଟି ଛୋଟ ଯାତ୍ରୀ ଆଶ୍ରୟସ୍ଥଳୀ ଓ ୩୦ଜଣଙ୍କ ବସିବା କ୍ଷମତା ବିଶିଷ୍ଟ ୬ଟି ବେଂଚ ରହିଛି। ଏହାସହ ଯାତ୍ରୀମାନଙ୍କ ପାଇଁ ସାମଗ୍ରୀକ ଭ୍ରମଣ ଅଭିଜ୍ଞତାକୁ ବୃଦ୍ଧି କରାଇବା ପାଇଁ ୧୪ଟି ଲାଇଟ ପୋଷ୍ଟ, ଏକ ନଳକୂଅ ଓ ଏକ ବୁକିଂ କାଉଂଟର ସୁବିଧା କରାଯାଇଛି। ଉପରୋକ୍ତ ବିକାଶ ସ୍ଥାନୀୟ ପର୍ଯ୍ୟଟନକୁ ବୃଦ୍ଧି କରିବା ସହ ଉକ୍ତ ଅଂଚଳ ବାସିନ୍ଦାଙ୍କ ପାଇଁ ଉନ୍ନତ ଗମନାଗମନ ସଂଯୋଗ ଯୋଗାଇବ ଓ ଏହି ଅଂଚଳର ସାମାଜିକ-ଅର୍ଥନୈତିକ ଅଭିବୃଦ୍ଧିରେ ସକରାତ୍ମକ ଯୋଗଦାନ ଦେବ। ତୁରନ୍ତ ଅଟ୍ରି ପାସେଞ୍ଜର ହଲ୍ଟରେ ତିନିଟି ଟ୍ରେନ୍ ରହଣି ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନ ଗୁଡିକ ହେଉଛି ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ, ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ଏବଂ ପୁରୁ-ଦଶପଲ୍ଲା-ପୁରୀ ମେମୁ ପାସେଞ୍ଜର ଟ୍ରେନ୍। ଭଦ୍ରକରୁ ଛାଡୁଥିବା ୦୮୫୫୫/୦୮୫୫୬ ଭଦ୍ରକ-ଦଶପଲ୍ଲା-ଭଦ୍ରକ ମେମୁ ଅଟ୍ରିରେ ପୂର୍ବାହ୍ନ ୧୦ଟା ୩୬ରେ ପହଂଚି ପୂର୍ବାହ୍ନ ୧୦ଟା ୩୭ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଦଶପଲ୍ଲା ଠାରୁ ଏହି ଟ୍ରେନ୍ ଅଟ୍ରି ଠାରେ ସନ୍ଧ୍ୟା ୫ଟା ୫୫ରେ ପହଂଚି ସଂଧ୍ୟା ୫ଟା ୫୬ରେ ଭଦ୍ରକ ଅଭିମୁଖେ ଯାତ୍ରା କରିବ। ଭୁବନେଶ୍ୱରରୁ ଛାଡୁଥିବା ୦୮୪୨୯ / ୦୮୪୩୦ ଭୁବନେଶ୍ୱର-ଦଶପଲ୍ଲା-ଭୁବନେଶ୍ୱର ମେମୁ ଅଟ୍ରିରେ ପୂର୍ବାହ୍ନ ୧୦ଟା ୫୧ରେ ପହଂଚି ପୂର୍ବାହ୍ନ ୧୦ଟା ୫୨ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଏହି ଟ୍ରେନ ଅଟ୍ରି ଠାରେ ସନ୍ଧ୍ୟା ୫ଟା ୧୪ରେ ପହଂଚି ସନ୍ଧ୍ୟା ୫ଟା ୧୫ରେ ଭଦ୍ରକ ଅଭିମୁଖେ ଯାତ୍ରା କରିବ। ସେହିପରି ପୁରୀରୁ ଛାଡୁଥିବା ୦୮୪୨୩ / ୦୮୪୨୪ ପୁରୀ-ଦଶପଲ୍ଲା-ପୁରୀ ମେମୁ ଅଟ୍ରି ଠାରେ ସନ୍ଧ୍ୟା ୭ଟା ୪୦ରେ ପହଂଚି ସନ୍ଧ୍ୟା ୭ଟା ୪୧ରେ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ଅଟ୍ରି ଠାରେ ସକାଳ ୭ଟା ୫୨ରେ ପହଂଚି ସକାଳ ୭ଟା ୫୩ରେ ପୁରୀ ଅଭିମୁଖେ ଯାତ୍ରା କରିବ।

ବିପଦସଙ୍କୁଳ ଅବସ୍ଥାରେ ମାଲକାନଗିରି ଜିଲ୍ଲାର ଶତାଧିକ ବିଦ୍ୟାଳୟ ଗୃହ

ମାଲକାନଗିରି,(ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ସମେତ ଜିଲ୍ଲାର ସାତୋଟି ବ୍ଲକରେ ଭୁଶୁଡି ପଡିଛି ଶିକ୍ଷା ବ୍ୟବସ୍ଥା। କେଉଁଠି ବିଦ୍ୟାଳୟ ଅଛି ତ ଛାତ୍ରଛାତ୍ରୀ ନାହାନ୍ତି ତ ଆଉ କେଉଁଠି ଭଙ୍ଗା ଦଦରା କୋଠାରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ଅଧିକାଂଶ ସ୍କୁଲରେ ପ୍ରଥମରୁ ପଞ୍ଚମ ଯାଏଁ ଥିବା ବେଳେ ମାତ୍ର ରହିଛନ୍ତି ଜଣେ ମାତ୍ର ଶିକ୍ଷକ। ବିପଦସଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି ଏହା ଉପରେ ଅନୁଧ୍ୟାନ କରାଯାଇଛି ଓ ସରକାରଙ୍କୁ ଅବଗତ କରାଯାଇଛି। ଖୁବଶୀଘ୍ର ସମାଧାନ କରାଯିବ। ସଦର ମହକୁମାର ଭେଟେନାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଅଛନ୍ତି କିନ୍ତୁ ନାହାନ୍ତି ଛାତ୍ରଛାତ୍ରୀ। କାରଣ ହେଲା ସ୍କୁଲ ଗୃହଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଯୋଗୁଁ ଜଣେ ପରେ ଜଣେ ଛାତ୍ରଛାତ୍ରୀ ଟିସି ନେଇ ଅନ୍ୟ ସ୍କୁଲକୁ ଚାଲିଯାଉଛନ୍ତି। ଗୋଟିଏ ଗୃହରେ ଅଫିସ କାର୍ଯ୍ୟ, ରୋଷେଇ କାର୍ଯ୍ୟ, ଗୋଦାମ ଗୃହ ସହ ଚାଲିଥିବା ପାଠ ପଢା। ସେହିପରି ଆଉ ଏକ ସ୍କୁଲ ହେଉଛି ରିକ୍ଲାମେସନ ପ୍ରାଥମିକ ବିଦ୍ୟାଳୟ। ଏଠି ନା ଅଛି ପାଚେରୀ ନା ଭିତ୍ତି ଭୁମୀ। ଖୋଲାମେଲା ଅବସ୍ଥାରେ ଛାତ୍ରଛାତ୍ରୀ ଭଙ୍ଗା ଦଦରା ଘରେ ପଢିଆସୁଛନ୍ତି ପାଠ। ଏଠି ମଧ୍ୟ ସେହି ଅବସ୍ଥା। ଜଣେ ମାତ୍ର ଶିକ୍ଷୟତ୍ରୀ ପଢାଉଛନ୍ତି ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପାଠ।ପୁଣି ଆଶୀର୍ବାଦ କଲୋନିର ପ୍ରାଥମିକ ବିଦ୍ୟାଳୟର କଥା ନକହିବା ଭଲ। ଏଠି ମଧ୍ୟ ଜଣେ ଶିକ୍ଷୟତ୍ରୀ ଥିବା ବେଳେ ଭିତ୍ତିଭୂମି ନଥିବାରୁ ଗୋଟିଏ ଶ୍ରେଣୀ ଗୃହରେ ପଢା ଚାଲିଛି ପାଠ। ଆଉ ବର୍ଷା ଦିନ ଆସିଲେ ଅଧିକାଂଶ ସମୟରେ ସ୍କୁଲ ହୋଇଯାଏ ଛୁଟି। କାରଣ ଛାତରୁ ଗଳୁଛି ପାଣି। ଆଉ ସଦର ମହକୁମା ମୁଖ୍ୟ ସ୍ଥାନରେ ରହିଛି ବେଙ୍ଗଲୀ ପ୍ରାଥମିକ ବିଦ୍ୟାଳୟ। ଏଠି ମଧ୍ୟ ଅନ୍ୟ ସ୍କୁଲ ପରି ରହିଛି ସମଦଶା, ଯ

ମହାଭାରତ
ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା

ଘରୋଇ କଳିରୁ ନାବାଳକର ଆତ୍ମହତ୍ୟା

ଯୋଡ଼ା,୩/୧୧(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ସହର ର କୁନ୍ଦୁରୁନାଲ ଠାରେ ରବିବାର ଅପରାହ୍ନରେ ଜଣେ ନାବାଳକ ଫାଶୀ ଲଗାଇ ଆତ୍ମ ହୁୟା କରିଥିବା ଜଣାପଡିଛି ମୃତ ନାବାଳକ ହେଲେ ରାଜେଶ୍ କୁମାର ନାଏକ ଙ୍କ ସାନ ପୁଅ ଦେବ ରାଜ ନାଏକ (୧୧) ମିଳିଥିବା ସୂଚନା ଅନୁଯାୟୀ,ରବିବାର ଅପରାହ୍ନ ପ୍ରାୟ ୧ଟା ସମୟରେ ଦେବରାଜ ଓ ତାଙ୍କ ଭଉଣି ଙ୍କ ସହିତ ଝଗଡ଼ା ହୋଇଥିଲା ପରେ ଦେବରାଜ ଘର କୁ ପଶି ଘର ର କବାଟ ବନ୍ଦ କରି ଶାଢ଼ୀ ରେ ଘର ଭିତରେ ଫାସୀ ଲଗାଇ ଆତ୍ମ ହତ୍ୟା କରିଥିଲେ। ପରିବାର ଲୋକେ ଜାଣି ପାରି ଘର କବାଟ ଭାଙ୍ଗି ଦେବରାଜକୁ ଉଦ୍ଧାର କରି ଟାଟା ଷ୍ଟିଲ ଡାକ୍ତର ଖାନ କୁ ନେଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଯୋଡା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ ୪୫/୨୦୨୪ ରୁଜୁ କରିଥିବା ସୂଚନା ଦେଇଛି।

ନାମ ଭୁଲ ପାଇଁ ମହିଳାଙ୍କୁ ମିଳୁନି ବୀମା ଟଙ୍କା

ହିନ୍ଦୋଳ,୩।୧୧(ମହାଭାରତ)ନାମ ଭୁଲପାଇଁ ବୀମାଟଙ୍କା ପାଇବାରୁ ବଞ୍ଚିତ ହେଲେ ହିନ୍ଦୋଳରେ ଦୀର୍ଘବର୍ଷ ଧରି ବସବାସ କରୁଥିବା ଜୈନିକ ମହିଳାସୂଚନା ଅନୁଯାଇ ଅନୁଯାଇ ଅନୁଗୋଳ ଜିଲ୍ଲା ବନରପାଳ ବ୍ଲକ ଅନ୍ତର୍ଗତ ତାଳମୁଳ ଶାସନ ଅଞ୍ଚଳର ଶ୍ରୀକାନ୍ତ ସାହୁଙ୍କ ପତ୍ନୀ ଭାରତୀ ସାହୁ(୪୧) ଆଜକୁ ପ୍ରାୟ ୧୬ବର୍ଷ ତଳେ ଏଲ ଆଇ ସି ନଂ ୫୮୭୨୦୧୧୫୨ ପଲିସି କରିଥିଲେ। ମାତ୍ର ଆଧାର ନାମ ଭାରତୀ ସାହୁ ବଦଳରେ ଡାକନାମ ପ୍ରତିଭା ସାହୁ ଲେଖି ପଲିସିରେ ରହି ଯିବାରୁ ସେଥିପାଇଁ ଭାରତୀ ଏକ କୋର୍ଟ ଅଫିଡେଭିଟି ନଂ ୭୨୪/୧୯-୯-୨୦୨୪ କରିଥିଲେ କି ତାଙ୍କ ନାମ ସବୁକ୍ଷେତ୍ରରେ ସବୁ କାଗଜାତ ପଲିସି ସହ ପ୍ରତିଭା ବଦଳରେ ଭାରତୀ ସାହୁ ବୋଲି ଜଣାଯିବତେବେ ନାମ ଭୁଲ ଥିବାରୁ ସେ ବୀମା ଟଙ୍କା ପାଇ ନପରି ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଭାରତୀ ସାହୁ କିଭଳି ନିଜ ବୀମା ଟଙ୍କା ପାଇପାରିବେ ସେଥିପାଇଁ କର୍ତୃପକ୍ଷ ପଦକ୍ଷେପ ନେବାପାଇଁ ପରିବାର ବର୍ଗ ଦାବି କରିଛନ୍ତି।

ଭୂମିହୀନ ପରିବାରଙ୍କୁ ନେଇ ବିଧାୟକଙ୍କୁ ଭେଟିଲା ପଂଚାୟତ ଉନ୍ନୟନ ପରିଷଦ

ବେଗୁନିଆ,୩/୧୧(ମହାଭାରତ): ବେଗୁନିଆ। ବ୍ଲକ କଣ୍ଟାବାଡ ପଂଚାୟତ ଅନ୍ତର୍ଗତ ଯଦୁପୁର ଗ୍ରାମର ଭୂମିହୀନ ଆଦିବାସୀ ପରିବାରଙ୍କ ସମସ୍ୟାକୁ ନେଇ ପଂଚାୟତ ଉନ୍ନୟନ ପରିଷଦ କର୍ମକର୍ତ୍ତା ସ୍ଥାନୀୟ ବିଧାୟକଙ୍କୁ ଭେଟି ସମାଧାନ କରିବା ପାଇଁ ଆଲୋଚନା କରିଥିଲେ ସୂଚନା ଅନୁଯାୟୀ ବେଗୁନିଆ। ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରଦୀପ କୁମାର ସାହୁଙ୍କୁ କଣ୍ଟାବାଡ ପଂଚାୟତ ଉନ୍ନୟନ ପରିଷଦ ସଭାପତି ଶିଶିର କୁମାର ଆଚାର୍ଯ୍ୟ, ଉପସଭାପତି ବଂଶୀଧର ପାଣିଗ୍ରାହୀ,ସମ୍ପାଦକ ମାନସ ରଞ୍ଜନ ଦାଶ, କୋଷାଧକ୍ଷ ଶ୍ରୀକାନ୍ତ କୁମାର ବାହିନୀ ପତି, ପୂର୍ବତନ ସରପଂଚ ପୂର୍ଣ୍ଣଚନ୍ଦ୍ର ବେହେରା,ଡିସଭ୍ୟ ରମେଶ ବେହେରା ଓ ଆଦିବାସୀ ନେତା ଅମୂଲ୍ୟ କୁମାର ନାୟକଙ୍କ ସମେତ ବହୁ ବ୍ୟକ୍ତି ଭେଟି ଆଦିବାସୀ ଲୋକମାନଙ୍କ ଉନ୍ନତି ନିମିତ୍ତ ଆଲୋଚନା କରିବା ସହ କିପରି ଆଗାମୀ ଦିନରେ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ବିଶେଷ ସୁଯୋଗ ପାଇ ପାରିବେ ସେଥିପାଇଁ ଆଲୋଚନା ହୋଇଥିଲା ଏପରିକି ଆଦିବାସୀ ଶ୍ରେଣୀରେ ଲୋକମାନେ ଅର୍ଥ ଅଭାବରୁ ନିଜ ନାମରେ ଜମି ନ ଥିବାରୁ ସରକାରଙ୍କ ପକ୍ଷରୁ ଦିଆ। ଯାଉଥିବା ଗୃହ ପାଇ ପାରୁ ନାହାଁନ୍ତି। ଏଥିପାଇଁ ବିଧାୟକ ଶ୍ରୀ ସାହୁ ବେଗୁନିଆ। ତହସିଲଦାର ତାପସ ବିଶିଙ୍କ ସହ ଫୋନ ଯୋଗେ ବାର୍ତ୍ତାଳାପ କରି ତୁରନ୍ତ ଜମି ପଟ୍ଟା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଭଙ୍ଗା କୁଡିଆରେ ଶେଷ ଜୀବନ

କାହାକୁ ମିଳୁଛି ରାଜ ପ୍ରାସାଦ ତ କାହାକୁ ମିଳୁନି ଝଖଣ୍ଡେ ସ୍ଥାନ

ହାଟଡିହି,୩।୧୧(ମହାଭାରତ): ହାଟଡିହି ଭଙ୍ଗା କୁଡିଆ। ରେ ଜୀବନ କାହାକୁ ଧନ ର ପ୍ରଚୁର୍ଯ୍ୟ ତ ଆଉ କାହାକୁ ଘର ଖଣ୍ଡିଏ ସାତ ସପନ । ସତେ ଯେ ସରକାର

ଙ୍କ ସବୁ ଯୋଜନା ଏଠି ଠିକଣା ପାଉନି। ହଁ ଆଜ୍ଞା ଆମେ କହୁଚୁ ସେହି କେନାଲ ବନ୍ଧ କଡ଼ରେ ଆଜକୁ ତିରିଶ ବର୍ଷ ଧରି ରହିଥିବା ଜଣେ ବାଷଠି ବର୍ଷୀୟ ମହିଳାଙ୍କ କଥା।

ଘଟଣା ଟି ଦେଖିବାକୁ ମିଳୁଛି ପନ୍ଦାଡୋ ପଞ୍ଚାୟତ ର ତେନ୍ତୁଳିପଦୀ ଗ୍ରାମ। ଆରମ୍ଭରୁ ଏକ କେନାଲ କଡ ରେ ପରିତ୍ୟକ୍ତ ଘରେ ରହିଥିବା ବିଳାସିନୀ ପ୍ରଧାନଙ୍କ କଥା ।ଆଜକୁ ପ୍ରାୟ ତିରିଶ ବର୍ଷ ପୂର୍ବେ ପରିବାର ରେ ସ୍ୱାମୀ ସ୍ତ୍ରୀ ଙ୍କ ମଧ୍ୟରେ ଉଠିଥିଲା ଝଡ। ପରିବାର ର ଝଡଝଞ୍ଝା ରୁ ଦୂରେଇ ଆସି ଥିଲେ ବିଳାସିନୀ ସ୍ୱାମୀ। ସନାତନ ପ୍ରଧାନଙ୍କ ଘର ଘଷିପୁରା ବ୍ଲକର କେଶଦୁରାପାଳ ଗାଁ ରେ। ନିଜର ଦୁଇ ପୁଅ ଝିଅ ରହିଥିବା ବେଳେ ସେମାନେ ଏବେ ମା କୁ ପଝରୁ ନଥିବାରୁ ସେ ହାଟଡିହି ବ୍ଲକ ପନ୍ଦାଡୋ ପଞ୍ଚାୟତ ର ତେନ୍ତୁଳି ପଦୀ ଗ୍ରାମ ଲୋକଙ୍କ ସହାଯୋଗରେ ଜୀବନ ଅତିବାହିତ କରୁଛି। ୨୦୧୫ ମସିହା ରୁ ପନ୍ଦାଡୋ ପଞ୍ଚାୟତରେ ଭୋଟର ଭାବରେ ବିବେଚନା ହୋଇ ଗରିବ ଖାଉଟି କଲ୍ୟାଣ ଯୋଜନା ସାମିଲ ହୋଇଛନ୍ତି। କିନ୍ତୁ ବିଳାସିନୀ ର ବାପା ଶୁକଦେବ ପ୍ରଧାନ ବାହାଘର କରିବା ପରେ ବିଳାସିନୀ ଏବେ ନା ନିଜ ଘରକୁ ଫେରି ପାରୁଛନ୍ତି ନା ଶଶୁର ଘର କେଶଦୁରପାଳକୁ ଫେରି ପାରୁ ଛନ୍ତି। ଯାହାକୁ ନେଇ ସେ ହାଟଡିହି ତହସିଲଦାର ଙ୍କୁ ଭେଟି ସବୁ ଦୁଃଖ ଜଣାଇବା ପରେ ରାଜସ୍ୱ ଅଧିକରୀ ସାହାଯ୍ୟ କରିବାକୁ ମନ ବଳାଇ ଛନ୍ତି। ଯାହାକୁ ନେଇ ବିଳାସିନୀ ଏବେ ଚିନ୍ତା ରେ କେବେ ମିଳିବ। ଖଣ୍ଡିଏ ଜାଗା ଘରେ ଖଣ୍ଡେ କରି ମୁଣ୍ଡ ଗୁଞ୍ଜିବେ ତାକୁ ହିଁ ଅପେକ୍ଷା ଏବେ ନିକଟରେ ବ୍ୟାୟ ଦାନା ର ପ୍ରଭାବ ରେ ଦୁଇ ଖଣ୍ଡ ଆଜବେଷ୍ଟ ରେ ତିଆରି ଘର ଟି ଭାଙ୍ଗି ମାଟି ମିଶିବାକୁ ପ୍ରୟାସ ଆରମ୍ଭ କଲାଣି। କିନ୍ତୁ ବାବୁ ମାନେ ନିୟମ ରେ ବନ୍ଧା। ଖଣ୍ଡିଏ ଜରି ଦେବାକୁ ହେଲେ ସେ ନିଜ ଜାଗା ରେ। ରହିଲେ ପାଇବେ କହି ବିଦା କରିଦେଲେ। ଏବେ କଣ କରିବେ ବିଳାସିନୀ କିଏ ହେବ ସାହା କେବେ ତାଙ୍କୁ ମିଳୁଛି ଖଣ୍ଡିଏ ଜାଗା ଦେଖିବାକୁ ଅପେକ୍ଷା।

ଜିନ୍ଦଲ ଫାଉଣ୍ଡେସନ ଓ ବିସିକେଆଇସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ବଡ଼ବିଲରେ ପ୍ରତିଷ୍ଠା ହେବ ଏଲଇଡି ବଲ୍ବ ପ୍ରସ୍ତୁତି ୟୁନିଟ

ଯୋଡ଼ା/ବଡ଼ବିଲ:୦୩।୧୧ (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା/ବଡ଼ବିଲ ମହିଳା ସଶକ୍ତିକରଣ ଓ ସେମାନଙ୍କ ନିରନ୍ତର ବିକାଶ ପାଇଁ ଏକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର(ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲର ଦେଓଝର ପଞ୍ଚାୟତରେ ଏକ ଏଲଇଡି ବଲ୍ବ ପ୍ରସ୍ତୁତି ୟୁନିଟ ପ୍ରତିଷ୍ଠା କରିବା ପାଇଁ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ କ୍ଲଷ୍ଟର ଫାଉଣ୍ଡେସନ (ବିସିକେଆଇସି) ସହ ଜିନ୍ଦଲ ଫାଉଣ୍ଡେସନ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହା ସ୍ଥାନୀୟ ମହିଳାଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି କରିବା ସହ ପରିବେଶ ଅନୁକୂଳ ଓ ଶକ୍ତି ଦକ୍ଷ ଉପକରଣ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବ ଜିନ୍ଦଲ ଫାଉଣ୍ଡେସନର ମହିଳା ଓ ଜୀବିକା କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଏହି ପାଇଲଟ କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଗ୍ରାମଗୁଡ଼ିକର ୨୦ ଜଣ ମହିଳାଙ୍କୁ ଏଲଇଡି ବଲ୍ବ ପ୍ରସ୍ତୁତି ପାଇଁ ତାଲିମ ଦିଆଯିବ

ଭବିଷ୍ୟତରେ ଏହି କାର୍ଯ୍ୟକ୍ରମର କଳେବର ବଢ଼ିବା ସହ ଏହା ମହିଳାଙ୍କ ଆର୍ଥିକ ସମୃଦ୍ଧିରେ ସହାୟକ ହେବ। ବଡ଼ବିଲ ପେଲେଟ ପ୍ଲାଣ୍ଟ କାର୍ଯ୍ୟାଳୟ ପରିସରରେ ପ୍ଲାଣ୍ଟର ୟୁନିଟ ହେଡ ଏମଡି ପୁରୁଷୋତ୍ତମ, ଏଚଆରର ଓ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି, ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ପାଶ୍ୱର୍ବର୍ତ୍ତୀ ଗ୍ରାମର ମହିଳାଙ୍କ ଉପସ୍ଥିତିରେ ବିକେସିକେଆଇସିର ଅଧକ୍ଷ ଡକ୍ଟର ମୃୟୁଞ୍ଜୟ ସୁଆର ଓ ଜିନ୍ଦଲ ଫାଉଣ୍ଡେସନର ଜିଏମ-ସିଏସଆର ଶ୍ରୀ ଭର୍ଜିଲ ଲାକ୍ରା ଏହି ଏମଓୟୁ ସ୍ୱାକ୍ଷର କରିଥିଲେ।

ଏହି ଅବସରରେ ଶ୍ରୀ ପ୍ରଶାନ୍ତ କୁମାର ହୋତା, ସଭାପତି ଏବଂ ଗ୍ରୁପ ମୁଖ୍ୟ, ସିଏସଆର ଓ ଏଜୁକେସନ କହିଛନ୍ତି, ଏହି ପଦକ୍ଷେପରେ ସୁଯୋଗ ସୃଷ୍ଟି, ଦକ୍ଷତା ବିକାଶ, ବଜାର ସଂଯୋଗର ସୁବିଧା ଅନ୍ତର୍ଭୁକ୍ତ ରହିଛି ଏହା ମହିଳାମାନଙ୍କ ନିୟମିତ ରୋଜଗାର ବୃଦ୍ଧି କରିବ। ଏହା ସହିତ ମହିଳାମାନଙ୍କର ମୂଲ୍ୟ ନିର୍ଦ୍ଧାରଣ ଦକ୍ଷତା ଓ ନିଷ୍ପତି ନେବାର କ୍ଷମତା ବୃଦ୍ଧି ଆଦିବାସୀବହୁଳ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ବିକାଶରେ ସେମାନଙ୍କ ଭାଗିଦାରି ବଢ଼ାଇବ । ଶକ୍ତି ଦକ୍ଷ ବଲ୍ବର ଝହିଦା ବଢୁଥିବାରୁ ଏହି ପଦକ୍ଷେପ ଏକ ପରିବେଶ ଅନୁକୂଳ ଓ ନିରନ୍ତର ସାମାଜିକ ବିକାଶ ମଡେଲ ପ୍ରସ୍ତୁତି ସହ ଚିରସ୍ଥାୟୀ ସାମୁଦାୟିକ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ।

ଏଠାରେ ସୂଚନା ଯୋଗ୍ୟ ଯେ ମହିଳା ଓ ଜୀବିକା କାର୍ଯ୍ୟକ୍ରମ ଅଧୀନରେ ଅନେକ ଉଚ୍ଚପ୍ରଭାବୀ ପଦକ୍ଷେପ ନିଆଯାଇଛି ଜିନ୍ଦଲ ଆଶା, କିଶୋରୀ ଏକ୍ସପ୍ରେସ, ଯଶସ୍ୱୀ ଓ ଜନଜୀବିକା କେନ୍ଦ୍ର ଭଳି ପଦକ୍ଷେପ ଦ୍ୱାରା ଜିନ୍ଦଲ ଫାଉଣ୍ଡେସନ ଦେଶର ୫୦ ଲକ୍ଷରୁ ଅଧିକ ମହିଳା ଓ ବାଳିକାଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଜୀବନରେ ରୂପାନ୍ତରଣ ଆଣିଛି ।

ନୂଆଗାଁରେ ମା କାଳୀ ପୂଜା ଧୁମଧାମରେ ପାଳିତ

ନୂଆଗାଁ ୦୩।୧୧ (ମହାଭାରତର): ନୟାଗଡ଼ ଜିଲ୍ଲା ବିଭିନ୍ନ ସ୍ଥାନରେ ମା ଶ୍ୟାମା କାଳିପୂଜା ମହା ଆଡ଼ମ୍ବରରେ ପାଳନ ହୋଇଥିବା ବେଳେ ନୂଆଗାଁ ବ୍ଲକ ସଦରମହକୁମାରେ ଥିବା ନୂଆଗାଁ ବଣିକ ସଂଘ ପକ୍ଷରୁ ଚଳିତ ମାସ ନଭେମ୍ବର ୧ ଠାରୁ ୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଗୁରୁବାର ରାତ୍ରୀରେ ବାବା ବିରୁପାକ୍ଷେଶ୍ୱର ମନ୍ଦିର ନିକଟରେ ଥିବା ପୁଷ୍କରିଣୀ ରୁ ମାନସିକ ଧାରି ନୂଆ। ବସ୍ତ୍ର ପରିଧାନ କରି ଜଳଲାଗି କଳସ ଶୋଭାଯାତ୍ରାରେ ବାହାରି ମା ଙ୍କ ପୂଜା ମଣ୍ଡପରେ ପହଞ୍ଚି ଠାକୁରଙ୍କ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇ ମା ଶ୍ୟାମା କାଳି ଙ୍କ ପୂଜା ଧୁମଧାମରେ ପାଳିତ ହୋଇଯାଇଛି ।

ଏଥି ସହ ମା' ଙ୍କ ପୂଜା ମଣ୍ଡପକୁ ବହୁ ଆଡମ୍ବରରେ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକ ମାଳାରେ ସଜେଇ ହୋଇଥିଲା ନୂଆଗାଁ ବଜାର ସାରା ଏହି ଅବସରରେ ଶନିବାର ରାତିରେ ନୂଆଗାଁ ବଣିକ ସଂଘ ତରଫରୁ ସ୍ଥାନୀୟ ଯୁବ କଳାକାର ମାନଙ୍କୁ ନେଇ ଅରୁଣ ଭାଇଙ୍କ ନିର୍ଦ୍ଦେଶନା ହୃଦୟାନନ୍ଦ ଶାସମଲ ଓରଫ୍ ବୁନୁ ଭାଇଙ୍କ ପ୍ରଯୋଜନାରେ ଦାଶରଥି ନାଟ୍ୟସଂସଦ ତାର ୧୯ତମ ଅବଦାନ ପାରିବାରିକ ସାମାଜିକ ନାଟକ ଅଖି ଅବୁଝାକୁ ଲୁହ ଅବୁଝା ମଞ୍ଚସ୍ଥ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ରିବନ୍ ଫିତା କାଟି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଦଶପଲ୍ଲା ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଉପେନ୍ଦ୍ର ସାହୁ , ସ୍ଥାନୀୟ ସରପଞ୍ଚ ଙ୍କ ପ୍ରତିନିଧି ପଦ୍ମଲୋଚନ ପରିଡା, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ,୧୭ ନଂ ଜିଲ୍ଲାପରିଷଦ ସଭ୍ୟା ଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଦଳବେହେରା, କୋରଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ଗୋଲଖ ବିହାରୀ ଗୋଛାୟତ, ମାଇଛେଳି ସରପଞ୍ଚ ଙ୍କ ପ୍ରତିନିଧି ଦାଶରଥି ପ୍ରଧାନ, ପରାଡ଼ିପି ସରପଞ୍ଚ ବିଭୁତି ଭୁଷଣ ପ୍ରଧାନ ସମେତ ବହୁ ମାଣ୍ୟ ଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ବିପିସିଙ୍କ ବହିଷ୍କାର ଚିଠି ପରେ ବ୍ଲକରେ ଠିକା କର୍ମଚାରୀ ଛାନିଆ

ହାଟଡିହି,କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ରୁରାଲ ହାଉସିଂ ବିପିସି(ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର)ନିରଞ୍ଜନ ବାରିକଙ୍କୁ କାର୍ଯ୍ୟରୁ ବହିଷ୍କାର ପାଇଁ କେନ୍ଦୁଝର ସିଡିଓ କୁମାର ନାଗଭୂଷଣ ସମ୍ପୃକ୍ତ ଆଉଟ ସୋସିଂ ସଂସ୍ଥାକୁ ଚିଠି ଜାରି କରିଛନ୍ତି କେନ୍ଦୁଝର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଙ୍କ ଚିଠି ନଂ ୫୯୬୯/ ୩୦.୧୦.୨୦୨୪ ରେ ଦର୍ଶାଯାଇଛିକାର୍ଯ୍ୟ ରେ ଅବହେଳା ଏବଂ ଅନିୟମିତତା ପାଇଁ ଏପରି ପଦକ୍ଷେପ ନିଆଯାଇଥିଲା କେନ୍ଦୁଝର ଜିଲ୍ଲାରେ ଏପରି କର୍ମଚାରୀ ଙ୍କ ଆବଶ୍ୟକତା ନାହିଁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ନିରଞ୍ଜନଙ୍କ ନାମରେ ପୂର୍ବରୁ ବିଭିନ୍ନ ଅଭିଯୋଗ ହେଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା ସାଧାରଣ ଲୋକଙ୍କୁ ବିଭିନ୍ନ ଆଳ ଦେଖାଇ ହଇରା ରାଣ ହରକତ ଜିତ କରୁଥିବା ଏବଂ ଆବାସ ଯୋଜନାରେ ଚଞ୍ଚ ଚଞ୍ଚକତା କରି ଅସାଧୁ ଉପାୟରେ ଅର୍ଥ ଉପାର୍ଜନ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଏପରିକି ଏନେଇ ଅନେକ ପଞ୍ଚାୟତ ର ସରପଞ୍ଚ ମାନେ ବା ବାରମ୍ବାର ଜିଲ୍ଲା ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ମ ମଧ୍ୟ ଦାବିପତ୍ର ପ୍ରଦାନ କରିଥିଲେ ହାଟଡିହି ବ୍ଲକରେ ଆବାସ ଯୋଜନାରେ ରେ ବ୍ୟାପକ ଅନିୟମିତତା ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଥିଲେ ।ଏହି ଚିଠି ଜାରି ହେବା ପରେ ଏବେ ହାଟଡିହି ରେ ବ୍ଲକ ଥିବା ଅନ୍ୟ ଠିକା କର୍ମଚାରୀ ମାନଙ୍କ ମନରେ ଛନକା ପଶିବା ଆରମ୍ଭ ହେଲାଣି ଯାହା ଫଳରେ ବ୍ଲକ ରେ ଲୋକ ଙ୍କୁ କିପରି ବ୍ୟବହାର ପ୍ରଦାନ କରାଯିବ ତାହାକୁ ନେଇ କର୍ମଚାରୀ ମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହେଲାଣି।

ପିପିଏଲ କମ୍ୟୁନିଟି ହଲ୍‌ରେ ତୃତୀୟ ସାହିତ୍ୟ ସମାବେଶ

ପାରାଦୀପ - ପିପିଏଲ ସ୍ଥିତ କମ୍ୟୁନିଟି ହଲ ପରିସରରେ ଡି.ଏ.ଭି ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ରେ ତୃତୀୟ ସାହିତ୍ୟ ସମାବେଶ ଶନିବାର ଦିନ ଆୟୋଜିତ ହୋଇଯାଇଛି । ଏହି ସାହିତ୍ୟିକ କାର୍ଯ୍ୟକ୍ରମ ଶବ୍ଦ ଶକ୍ତି ର ଭାଷା ସମାଜ ଓ ସଂସ୍କୃତି ଉପରେ ତାର ପ୍ରଭାବ ଏକ ଅନୁଶୀଳନ ପ୍ରସଙ୍ଗରେ ଆଲୋଚନା ପାଇଁ ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରର ବିଶିଷ୍ଟ ଅତିଥିମାନଙ୍କୁ ଏକତ୍ରିତ କରିଥିଲା ପିପିଏଲ୍ ର ସିଏମଓ ତଥା ମୁଖ୍ୟ ପଲାନି ସାମି ଭେଲୁସାମି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଡିଏଭି ଇଫକୋର ଅଧକ୍ଷ ସମ୍ମିତ ସୁକୁମାର ଚିନାରା,ପାରାଦୀପ ପୋର୍ଟ ଡିଏଭି ର ଅଧକ୍ଷ ବିନ୍ଦୁଶ୍ରୀ ମହାନ୍ତି, ଏସଏମସିର ସଦସ୍ୟ ପଞ୍ଚାନନ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱୀପ ପ୍ରଜ୍ୱଳନ ଏବଂ ଡିଏଭି ସଙ୍ଗୀତ ପରିବେଷଣ ଦ୍ୱାରା ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଏବଂ ନୃତ୍ୟପରିବେଷଣ କରାଯାଇଥିଲା। ପିପିଏଲ ଡିଏଭି ବିଦ୍ୟାଳୟର ଅଧକ୍ଷ ସଞ୍ଜୀବ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିନ୍ଦୀରେ କାବ୍ୟ ନାଟକ, ଇଂରାଜୀରେ ସ୍ଲାମ୍ କବିତା ଏବଂ ଓଡିଆରେ କବିତା ପାଠ ଭଳି କିଛି ସାହିତ୍ୟିକ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଥିଲା। ଏହି ସାହିତ୍ୟିକ କାର୍ଯ୍ୟକଳାପ କେବଳ ପରିବେଶକୁ ଜୀବନ୍ତ କରିନଥିଲା ବରଂ ଭାଷାର ସମାଜ ଉପରେ ମଧ୍ୟ ପ୍ରଭାବ ପକାଇଥିଲା। ଡା. ନିକୁଞ୍ଜ କିଶୋର ସାହା, ଅବସରପ୍ରାପ୍ତ ଜିଏସଟି ଅତିରିକ୍ତ କମିଶନର ତଥା ଲେଖକ ଓ ସ୍ତମ୍ଭକାର ସହଦେବ ସାହୁ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ଶ୍ରୀମତୀ ଲତିକା ଷଡ଼ଙ୍ଗୀ ଙ୍କ ସମେତ ବିଶିଷ୍ଟ ସାହିତ୍ୟିକ ଉକ୍ତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ସେମାନେ ଭାଷା ସମାଜ ଏବଂ ସଂସ୍କୃତି ଉପରେ କିପରି ପ୍ରଭାବ ପକାଇଥାଏ ତାହା ସୁନ୍ଦର ଭାବରେ ବ୍ୟାଖ୍ୟା କରିଥିଲେ। ସାହିତ୍ୟଞ୍ଜିକା ଗଣଙ୍କୁ ବିଦ୍ୟାଳୟର ଅଧକ୍ଷଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଇଂରାଜୀ ଶିକ୍ଷକ ଜୟଦେବ ଚକ୍ରବର୍ତ୍ତୀ ଉକ୍ତ ସମାବେଶର ପରିଚାଳନା କରିଥିଲେ ଏବଂ ବିଦ୍ୟାଳୟର ତତ୍ତ୍ୱାବଧାରକ ବୃନ୍ଦାବନ ରାଉତ କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳିତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କ

କାନାଡା ଅଧିକାରୀଙ୍କୁ ସମନ କଲା ଭାରତ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ନିଜାର ହତ୍ୟାକାଣ୍ଡକୁ ନେଇ ଭାରତ ଓ କାନାଡା ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ଏବେ ଚରମସୀମାରେ ପହଞ୍ଚିଛି । ନିଜାର ହତ୍ୟା ପଛରେ ଭାରତୀୟ କୂଟନୀତିଜ୍ଞଙ୍କ ହାତ ରହିଥିବା କାନାଡା ବିନା ପ୍ରମାଣରେ ଅଭିଯୋଗ କରୁଥିବାରୁ ନୂଆଦିଲ୍ଲୀ ଏହାକୁ ବିରୋଧ କରି ଚାଲିଛି । ଏସବୁ ଭିତରେ କାନାଡାର ଜଣେ ମନ୍ତ୍ରୀ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରିଛନ୍ତି । କାନାଡାରେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଟାର୍ଗେଟ କରିବା ପାଇଁ ଅମିତ ଶାହ ନିର୍ଦ୍ଦେଶ ଦେଇଥିବା ସେ ଅଭିଯୋଗ କରିବା ପରେ ହଇଚଇ ସୃଷ୍ଟି ହୋଇଛି । ଏହାକୁ ଭାରତ ପକ୍ଷରୁ ଦୃଢ ଭାବେ ଖଣ୍ଡନ କରାଯିବା ସହ କାନାଡାର ଜଣେ କୂଟନୀତିଜ୍ଞଙ୍କୁ ସମନ କରାଯାଇଛି । କାନାଡା ମନ୍ତ୍ରୀଙ୍କ ବୟାନକୁ ତୀବ୍ର ଭାବେ ବିରୋଧ କରାଯାଇଥିବା ସେ କହିଛନ୍ତି । କାନାଡାର ବୈଦେଶିକ ମନ୍ତ୍ରଣାଳୟର ଉପ ମନ୍ତ୍ରୀ ଡାଭିଡ ମୋରିସନ ମଙ୍ଗଳବାର ଦେଶର

ଲୋକ ସୁରକ୍ଷା ଓ ଜାତୀୟ ସୁରକ୍ଷା ପାଇଁ ଗଠିତ ଷ୍ଟାଣ୍ଡିଂ କମିଟିକୁ କହିଥିଲେ ଯେ ଖଲିସ୍ତାନୀ ବିଦ୍ରୋହୀଙ୍କ ବିରୋଧରେ ହିଂସାତ୍ମକ ପ୍ରଚାର, ଧମକ ଓ ସେମାନଙ୍କ ବିରୋଧରେ ଗୁଇନ୍ଦା ତଥ୍ୟ ହାସଲ କରିବା ପାଇଁ ଅମିତ ଶାହ ନିର୍ଦ୍ଦେଶ ଦେଇଛନ୍ତି । ଅମିତ ଶାହଙ୍କ ନିର୍ଦ୍ଦେଶରେ କାନାଡରେ ଖଲିସ୍ତାନୀଙ୍କୁ ଟାର୍ଗେଟ କରାଯାଉଥିବା ସେ ଅଭିଯୋଗ କରିଥିଲେ । ଏହାକୁ ନେଇ ବିବାଦ ଜାରି ରହିଥିବା ବେଳେ ଭାରତର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି । ପୂରା ପ୍ରସଙ୍ଗରେ କାନାଡା ହାଇକମିଶନର ପ୍ରତିନିଧିଙ୍କୁ ସମନ କରାଯାଇଥିଲା ଓ ତାଙ୍କୁ ଗୋଟିଏ କୂଟନୀତିକ ଚିଠି ଧରାଇ ଦିଆଯାଇଛି । କାନାଡା ମନ୍ତ୍ରୀଙ୍କ ବୟାନକୁ ତୀବ୍ର ଭାବେ ବିରୋଧ କରାଯାଇଥିବା ସେ କହିଛନ୍ତି । ଜୈସୱାଲ କହିଛନ୍ତି, ଉପ ମନ୍ତ୍ରୀ ଡାଭିଡ ମୋରିସନ ତାଙ୍କ ଦେଶର କମିଟି ଆଗରେ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିରୋଧରେ ଆଣିଥିବା ଉଦଭଟ ଓ ଭିତ୍ତିହୀନ କଥାକୁ ଭାରତ ସରକାର କୂଟନୀତିକ ସ୍ତରରେ ତୀବ୍ର ଭାବେ ପ୍ରତିବାଦ କରିଛନ୍ତି । କୂଟନୀତିକ ନୋଟ ମାଧ୍ୟମରେ ଏହା କାନାଡାକୁ ମଧ୍ୟ ଜଣାଇ ଦିଆଯାଇଛି । ମୋରିସନ କହିଥିଲେ ଯେ ୱାଶିଂଟନ ପୋଷ୍ଟକୁ ଅମିତ ଶାହଙ୍କ ନାଁ ସେ କହିଥିଲେ । ଏହାପରେ ୱାଶିଂଟନ ପୋଷ୍ଟ ଅଭିଯୋଗ ସଂକ୍ରାନ୍ତରେ ରିପୋର୍ଟ ପ୍ରକାଶ କରିଥିଲା । ଏହାର ଉତ୍ତରରେ ଜୈସୱାଲ କହିଛନ୍ତି ଯେ ଏପରି ଘଟଣାରୁ ସ୍ପଷ୍ଟ ହୋଇଛି ଯେ କାନାଡିଆନ ଅଧିକାରୀମାନେ ସତ୍ୟତା ନଥିବା ତଥ୍ୟକୁ ଜାଣିଶୁଣି ମିଡିଆରେ ଲିକ କରୁଛନ୍ତି । ଏପରି ଘଟଣା ଭାରତ-କାନାଡା ମଧ୍ୟରେ ଥିବା ସମ୍ପର୍କରେ ସାଂଘାତିକ ପ୍ରଭାବ ପକାଇବ । ଏହାର ଗୁରୁତର ପରିଣାମ ଦେଖିବାକୁ ମିଳିପାରେ ବୋଲି ଜୈସୱାଲ ସତର୍କ କରାଇ ଦେଇଛନ୍ତି ।

ଆତଙ୍କବାଦୀ ଆକ୍ରମଣ ପଛରେ ଗୁପ୍ତଚର ଏଜେନ୍ସି: ଫାରୁକ୍ ଅବଦୁଲ୍ଲା

ଶ୍ରୀନଗର,୩।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରରେ ସାମ୍ପ୍ରତିକ ସମୟରେ ଆତଙ୍କବାଦୀ ଘଟଣା ବୃଦ୍ଧି ପାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ତିନୋଟି ଆକ୍ରମଣ ହୋଇଛି । ପ୍ରଥମେ ବଡ଼ଗାମ ଏବଂ ବନ୍ଦିପୋରାରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏବେ ଶ୍ରୀନଗରରେ ଗୁଳି ବିନିମୟ ହେବାର ଖବର ଆସିଛି । ବଢୁଥିବା ଆତଙ୍କବାଦୀ ଆକ୍ରମଣ ଉପରେ ନ୍ୟାସନାଲ କନଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା ଏହାକୁ ଏକ ଗଭୀର ଷଡଯନ୍ତ୍ର ବୋଲି କହିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ଏହି ଆକ୍ରମଣ ଦ୍ୱାରା ଏକ ସଙ୍କଟ ସୃଷ୍ଟି କରିବାର

ପ୍ରୟାସ କରାଯାଉଛି । କଶ୍ମୀରକୁ ଅସ୍ଥିର କରିବା ସେମାନଙ୍କର ଉଦ୍ଦେଶ୍ୟ ହୋଇପାରେ । ସେ କହିଛନ୍ତି ଯେ ଏହି ଆକ୍ରମଣ ପଛରେ କେଣସି ଗୁପ୍ତଚର ଏଜେନ୍ସି ରହିଥିବାର ସନ୍ଦେହ ସୃଷ୍ଟି ହୋଇଛି । ଫାରୁକ୍ ଅବଦୁଲ୍ଲା କହିଛନ୍ତି, ଆକ୍ରମଣକାରୀଙ୍କୁ ହତ୍ୟା କରିବା ପରିବର୍ତ୍ତେ ସେମାନଙ୍କୁ ଗିରଫ କରାଯିବା ଉଚିତ୍ । ଯାହା ଦ୍ୱାରା ଏହି ଆକ୍ରମଣ ପଛରେ କିଏ ଅଛନ୍ତି ତାହା ଜଣାପଡିବ । ଏହି ଆତଙ୍କବାଦୀ ଘଟଣା ବର୍ତ୍ତମାନ କାହିଁକି ଘଟୁଛି ଏବଂ ଏହା ପୂର୍ବରୁ କାହିଁକି କିଛି ଘଟୁ ନ ଥିଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଏହା ସରକାରଙ୍କୁ ଅସ୍ଥିର କରିବା ପାଇଁ ଏକ ଷଡଯନ୍ତ୍ର ବୋଲି ସେ ଦର୍ଶାଇଛନ୍ତି । ବଡ଼ଗାମରେ ଶ୍ରମିକଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ସେ କହିଛନ୍ତ, ତଦନ୍ତ ହେବା ଉଚିତ ଏବଂ ଏପରି ଘଟଣା କାହିଁକି ଘଟୁଛି ତାହା ଜାଣିବା ଉଚିତ୍ ।

ଟ୍ରାକ ସଫା କରୁଥିବାବେଳେ ମାଡ଼ିଗଲା କେରଳ ଏକ୍ସପ୍ରେସ, ୪ ସଫେଇ କର୍ମଚାରୀ ମୃତ

ପାଲକ୍କଡ,୩।୧୧(ଏଜେନ୍ସି): ଟ୍ରେନ୍ ଧକ୍କାରେ ରେଲୱେ ଟ୍ରାକ ସଫା କରୁଥିବା ୪ ସଫେଇ କର୍ମଚାରୀଙ୍କ ମୃତ୍ୟୁ । ଏଭଳି ଏକ ବଡ଼ ଘଟଣା କେରଳର ପାଲକ୍କଡ ଜିଲ୍ଲାର ଶୋରନୁର ଷ୍ଟେସନଠାରୁ ଅଳ୍ପ ଦୂରରେ ଶନିବାର ଅପରାହ୍ନ ୩ଟା ୦୫ ମିନିଟରେ ଘଟିଛି । ରେଲୱେ ପୋଲିସର କହିବା ଅନୁସାରେ, ସଫେଇ କର୍ମଚାରୀ ରେଲୱେ ଷ୍ଟେସନଠାରୁ କିଛି କିଲୋମିଟର ଦୂରରେ ଥିବା ଟ୍ରାକକୁ ସଫା କରୁଥିବା ବେଳେ ତାଙ୍କ ଉପରେ ଚଢିଯାଇଥିଲା କେରଳ ଏକ୍ସପ୍ରେସ । ଖବର ଅନୁସାରେ, ରେଲୱେ ଟ୍ରାକ୍ ସଫେଇ କର୍ମଚାରୀଙ୍କ ଏକ ଚାରି ଜଣିଆ ଦଳ ଭରତପୁଝା ନଦୀ ବ୍ରିଜ ଉପରେ ଟ୍ରାକ ସଫା କରୁଥିଲେ । ଏତିକିବେଳେ କେରଳ ଏକ୍ସପ୍ରେସ ଟ୍ରେନ ଆସିଥିଲା । ଟ୍ରେନ ଦେଖି ସେମାନେ ସେଠାରୁ ଦୌଡ଼ିବାକୁ ଚେଷ୍ଟା କରିଥିଲେ ମଧ୍ୟ ଠିକ୍ ସମୟରେ ବ୍ରିଜର ଅନ୍ୟ ପ୍ରାନ୍ତରେ ପହଞ୍ଚିପାରିନଥିଲେ । ଟ୍ରାକ୍ ମଧ୍ୟରେ ଅଟକି ଯିବାରୁ ସେମାନଙ୍କୁ ଧକ୍କା ଦେଇଥିଲା ଟ୍ରେନ୍ । ଏହି ଦୁର୍ଘଟଣାରେ ଦୁଇଜଣ ପୁରୁଷ ଏବଂ ଦୁଇଜଣ ମହିଳାଙ୍କ ସମେତ ୪ ଜଣ ସଫେଇ କର୍ମଚାରୀଙ୍କର ମୃତ୍ୟୁ ଘଟିଛି । ୪ କର୍ମଚାରୀଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୩ ଜଣଙ୍କର ମୃତଦେହ ଉଦ୍ଧାର ହୋଇଛି । ଅନ୍ୟଜଣଙ୍କର ମୃତଦେହର ଖୋଜା ଚାଲିଛି । ହୁଏତ ଭରତପୁଝା ନଦୀରେ ଖସି ଯାଇଥାଇପାରେ ବୋଲି ସନ୍ଦେହ କରାଯାଉଛି ।

ଥରେ ପରାମର୍ଶ ଦେବା ପାଇଁ ୧୦୦ କୋଟିରୁ ଅଧିକ ଟଙ୍କା ନିଅନ୍ତି ପ୍ରଶାନ୍ତ କିଶୋର

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): ଜନ ସୂରଜ ଦଳର ସଂଯୋଜକ ପ୍ରଶାନ୍ତ କିଶୋରଙ୍କୁ ଜଣେ ଭଲ ରଣନୀତିଜ୍ଞ ଭାବରେ ସମସ୍ତ ଜାଣନ୍ତି । ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଗୋଟାଏ ନିର୍ବାଚନରେ ରଣନୀତିଜ୍ଞ ଭାବରେ ପରାମର୍ଶ ଦେବା ପାଇଁ ସେ ୧୦୦ କୋଟିରୁ ଅଧିକ ଟଙ୍କା ନେଇଥାନ୍ତି । ଅକ୍ଟୋବର ୩୧ ତାରିଖରେ ଆଗାମୀ ବିହାର ଉପ-ନିର୍ବାଚନ ପାଇଁ ପ୍ରଚାର କରୁଥିବା ବେଳେ ପ୍ରଶାନ୍ତ କିଶୋର ନିର୍ବାଚନ ରଣନୀତିଜ୍ଞ ଭାବରେ ନିଜର ପାରିଶ୍ରମିକ ପ୍ରକାଶ କରିଥିଲେ । ବେଲାଗଞ୍ଜରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ମୁସଲିମ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ସମାବେଶକୁ ସମ୍ବୋଧିତ କରିଥିଲେ ଏବଂ ଅନେକ କିଛି କଥାକୁ ବୁଝାଇକି କହିଥିଲେ । ତାଙ୍କ କହିବା କଥା ହେଲା ତାଙ୍କ ରଣନୀତିକୁ ଆଧାର କରି ଭିନ୍ନ ଭିନ୍ନ ରାଜ୍ୟରେ ୧୦ ଜଣ ସରକାର ଚାଲୁଛନ୍ତି । ତେବେ ସେ

ଲୋକଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି କି ''ଆପଣମାନେ ଭାବୁଛନ୍ତି କି ଏକ ଅଭିଯାନ ପାଇଁ ତମ୍ବୁ ଓ ଛାତ ତିଆରି କରିବାକୁ ମୋ ପାଖରେ ପର୍ଯ୍ୟାପ୍ତ ଅର୍ଥ ନାହିଁ? ଆପଣମାନେ ମୋତେ ଦୁର୍ବଳ ଭାବୁଛନ୍ତି କି? ମୋ ପରି ପାରିଶ୍ରମିକ ବିହାରରେ କାହାର ବି ନାହିଁ । ଯଦି ମୁଁ କେବଳ ଗୋଟିଏ ନିର୍ବାଚନରେ କାହାକୁ ପରାମର୍ଶ ଦିଏ ସେଥିପାଇଁ ୧୦୦ କୋଟି ଟଙ୍କା କିମ୍ବା ତାହାଠାରୁ ଅଧିକ ନିଏ । ମାତ୍ର ଗୋଟାଏ ରାଜନେତିକ ପରାମର୍ଶ ଦେଇ ମୁଁ ଆଗାମୀ ଦୁଇ ବର୍ଷ ପାଇଁ ମୋ ଅଭିଯାନକୁ ପାଣ୍ଠି ଯୋଗାଇ ପାରିବି ।''ଉଲ୍ଲେଖଯୋଗ୍ୟ, ଜନ ସୂରଜ ଦଳ ବିହାରର ଚାରିଟି ବିଧାନସଭା ଆସନରେ ହେବାକୁ ଥିବା ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ ଦେଇଛି । ଏହି ଚାରିଟି ଆସନ ମଧ୍ୟରେ ବେଲାଗଞ୍ଜ, ଇମାମଗଞ୍ଜ, ରାମଗଡ ଏବଂ ତାରାରି ଅନ୍ତର୍ଭୁକ୍ତ । ନଭେମ୍ବର ୧୩ ରେ ଉପ-ନିର୍ବାଚନ ତାରିଖ ଧାର୍ଯ୍ୟ ହୋଇଛି ଏବଂ ଫଳାଫଳ ୨୩ ନଭେମ୍ବରରେ ଘୋଷଣା ହେବ।

୨ ଆତଙ୍କବାଦୀ ନିହତ

ଶ୍ରୀନଗର,୩।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲ୍ଲାରେ ଶନିବାର ସୁରକ୍ଷା ବାହିନୀ ଓ ଆତଙ୍କବାଦୀ ମଧ୍ୟରେ ଗୁଳି ବିନିମୟ ହୋଇ ସୁରକ୍ଷା ବାହିନୀର ଏନକାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି । ସୁରକ୍ଷା ବାହିନୀ ଏହି ଅଞ୍ଚଳରେ ଆତଙ୍କବାଦୀ ବିରୋଧୀ ଅପରେସନ ଚଳାଇଥିବା ବେଳେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଜମ୍ମୁ-କଶ୍ମୀରର ଖନୟାର୍ ଅଞ୍ଚଳରେ ମଧ୍ୟ ସମାନ ମୁକାବିଲା ହେବାର କିଛି ଘଣ୍ଟା

ପରେ ସଂପୃକ୍ତ ଅଞ୍ଚଳରେ ଗୁଳି ବିନିମୟ ହୋଇଥିବା ସୂଚନା ରହିଛି । କିଛି ଆତଙ୍କବାଦୀ ଏହି ଅଞ୍ଚଳରେ ଲୁଚି ରହିଛନ୍ତି ବୋଲି ଗୁପ୍ତ ସୂଚନା ପାଇବା ପରେ ସୁରକ୍ଷା ବାହିନୀ ଏହି ଅପରେସନ୍ ଆରମ୍ଭ କରିଥିଲା । ଶୁକ୍ରବାରଠାରୁ କଶ୍ମୀର ଉପତ୍ୟକାରେ ଏହା ହେଉଛି ଚତୁର୍ଥ ଆତଙ୍କବାଦୀ ସମ୍ବନ୍ଧୀୟ ଘଟଣା । ଶୁକ୍ରବାର ଦିନ ଉତ୍ତରପ୍ରଦେଶର ଦୁଇଜଣ ପ୍ରବାସୀ ଶ୍ରମିକଙ୍କୁ ବୁଧଗାମ୍ ଜିଲ୍ଲାରେ ଗୁଳି କରାଯାଇଥିଲା । ଏହି ଆକ୍ରମଣରେ ଉଭୟ ଆହତ ହୋଇ ଶ୍ରୀନଗରର ଜେଭିସି ହସ୍ପିଟାଲ ବେମିନାକୁ ସ୍ଥାନାନ୍ତର ହୋଇଥିଲେ । ଯେଉଁଠାରେ ସେମାନେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି ।

କଂଗ୍ରେସକୁ ଟାର୍ଗେଟ କଲେ ସୁଧାଂଶୁ ତ୍ରିବେଦୀ

ନୂଆଦିଲ୍ଲୀ,୩।୧୧(ଏଜେନ୍ସି): କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ଗ୍ୟାରେଣ୍ଟି' ପ୍ରସଙ୍ଗରେ ଆକ୍ରମଣ କରିଥିଲେ । ସେ କହିଥିଲେ ଯେ ମୁଖ୍ୟ ବିରୋଧୀ ଦଳକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଧ୍ୟାନ ଦେବା ଉଚିତ୍ ଯେ 'ମୋଦୀଙ୍କ ଗ୍ୟାରେଣ୍ଟି' ୧୪୦ କୋଟି ଭାରତୀୟ ନାଗରିକଙ୍କ ଉପରେ ଏକ ନିଷ୍ଠୁର ଉପହାସ । ସେ ପ୍ରଧାନମନ୍ତ୍ରୀଙ୍କ ନାମରେ ମିଥ୍ୟା, ପ୍ରତାରଣା ଏବଂ ଠକେଇ ଅଭିଯୋଗ କରିଛନ୍ତି ଏବଂ ଭାରତୀୟ ଜନତା ପାର୍ଟିର ଅର୍ଥ ବିଶ୍ୱାସଘାତକତା ବୋଲି ଦାବି କରିଛନ୍ତି । ତାଙ୍କର ଏହି ବିବୃତ୍ତିକୁ ଏବେ ବିଜେପି ଟାର୍ଗେଟ କରିଛି । କଂଗ୍ରେସକୁ ଟାର୍ଗେଟ କରି ବିଜେପି ନେତା ସୁଧାଂଶୁ ତ୍ରିବେଦୀ କହିଛନ୍ତି, ଗୋଟିଏ ଥିଲା ଗାନ୍ଧୀଙ୍କ କଂଗ୍ରେସ ଏବଂ ଗୋଟିଏ ହେଉଛି ସହରାଞ୍ଚଳ ନକ୍ସଲ ରାହୁଲ ଗାନ୍ଧୀଙ୍କ ପ୍ରଭାବିତ କଂଗ୍ରେସ। ମଲ୍ଲିକାର୍ଜୁନ ଖଡ଼ଗେ କେବଳ ଏହି କଂଗ୍ରେସକୁ ଦେଖିଛନ୍ତି, ସେଥିପାଇଁ ସେ ଏହା କହୁଛନ୍ତି । ଯେତେବେଳେ ବି କଂଗ୍ରେସ କ୍ଷମତାକୁ ଆସେ, ଏହା କୌଣସି ପ୍ରତିଶ୍ରୁତି ପୂରଣ କରେ ନାହିଁ । କର୍ଣ୍ଣାଟକ, ହିମାଚଳପ୍ରଦେଶ ଓ ତେଲେଙ୍ଗାନାର ଅବସ୍ଥା ଦେଖନ୍ତୁ କଂଗ୍ରେସର ଭଲ ଦିନ ଚାଲିଗଲାଣି ରୋଜଗାର ପ୍ରସଙ୍ଗକୁ ଟାର୍ଗେଟ କରି ବିଜେପି ମୁଖପାତ୍ର ସୁଧାଂଶୁ

ତ୍ରିବେଦୀ କହିଛନ୍ତି ଯେ ଆମ ସମୟରେ କର୍ଣ୍ଣାଟକରେ ସର୍ବାଧିକ ନିବେଶକ ଥିଲେ । ଏହି ସମୟରେ, ବର୍ତ୍ତମାନ ଏହି ନିବେଶକମାନେ ସେଠାରୁ ଚାଲିଯାଉଛନ୍ତି ଆମ ସରକାର ସମୟରେ ମହାରାଷ୍ଟ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଛି । ଏହା ବ୍ୟତୀତ ସାରା ଦେଶରେ ସଡକ ନିର୍ମାଣ, ସେତୁ ଏବଂ ମେଟ୍ରୋ ନିର୍ମାଣ କରାଯାଉଛି । ଭାରତୀୟ ଲୋକ ହିଁ ସେମାନଙ୍କୁ ତିଆରି କରନ୍ତି । ସେମାନେ ମଧ୍ୟ ଚାକିରି ପାଇଛନ୍ତି ସେ ଆହୁରି ମଧ୍ୟ କହିଛନ୍ତି ଯେ ଚଳିତ ବର୍ଷ ଜୁଲାଇରେ ଭାରତରେ ଇପିଏଫଓ ଆକାଉଣ୍ଟ ସଂଖ୍ୟା ୨୫ କୋଟିରେ ପହଞ୍ଚିଛି । ଏଥିରୁ ଏହା ସ୍ପଷ୍ଟ ହୋଇଛି ଯେ ଦେଶରେ ଲୋକମାନେ ରୋଜଗାର କରୁଛନ୍ତି । ସେ କହିଛନ୍ତି ଯେ କଂଗ୍ରେସ ଦେଶକୁ ବିଭକ୍ତ କରିଛି । ଆଜି ଫାରୁକ୍ ଅବଦୁଲ୍ଲାଙ୍କ ଦୃଷ୍ଟିକୋଣ ବଦଳିଛି ଆତଙ୍କବାଦ ପ୍ରସଙ୍ଗରେ କଂଗ୍ରେସକୁ ଟାର୍ଗେଟ କରି ସେ କହିଛନ୍ତି ଯେ କଂଗ୍ରେସ ସମୟରେ ମୁମ୍ବାଇ ଉପରେ ଆକ୍ରମଣ କରାଯାଇଥିଲା । ତା'ପରେ ସେମାନେ ଏକ ଚୁକ୍ତି କଲେ ଯେ ଏହି ଆକ୍ରମଣ ଦ୍ୱାରା ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ପ୍ରଭାବିତ ହେବ ନାହିଁ କିନ୍ତୁ ଆମ ସରକାର ଗଠନ ହେବା ମାତ୍ରେ ସ୍ପଷ୍ଟ କରାଯାଇଥିଲା ଯେ ଆତଙ୍କବାଦ ଏବଂ ଶାନ୍ତି ଏକାଠି ହୋଇପାରିବ ନାହିଁ । ପୂର୍ବ ସମୟରେ ଦେଶର ସବୁ ସ୍ଥାନରେ ବିସ୍ଫୋରଣ ଘଟୁଥିଲା । କିନ୍ତୁ ବର୍ତ୍ତମାନ ଆମେ ସମସ୍ତଙ୍କୁ ମୁହଁତୋଡ ଜବାବ ଦେଉଛୁ ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି ବିଶ୍ୱର ଏକମାତ୍ର ନେତା । ଯାହାଙ୍କୁ ୟୁକ୍ରେନରେ ଏବଂ ରୁଷରେ ମଧ୍ୟ ସ୍ୱାଗତ କରାଯାଇଥିଲା

ସୁରକ୍ଷା ଦାବି କଲେ ବାଂଲାଦେଶୀ ହିନ୍ଦୁ

ଢାକା,୩।୧୧(ଏଜେନ୍ସି): ବାଂଲାଦେଶର ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟ ସୁରକ୍ଷା ତଥା ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ହିନ୍ଦୁ ସମ୍ପ୍ରଦାୟର ୩୦ ହଜାରରୁ ଅଧିକ ସଦସ୍ୟ ଶନିବାର ଦିନ ଏକ ରାଲି କରି ମଧ୍ୟବର୍ତ୍ତୀକାଳୀନ ସରକାରଙ୍କଠାରୁ ସୁରକ୍ଷା ତଥା ନିର୍ଯାତନା ଏବଂ ସମ୍ପ୍ରଦାୟର ନେତାଙ୍କ ବିରୋଧରେ ଦାଖଲ ହୋଇଥିବା ଦେଶଦ୍ରୋହ ମାମଲା ରଦ୍ଦ କରିବାକୁ ଦାବି କରିଛନ୍ତି । ସେମାନେ ଦକ୍ଷିଣ-ପୂର୍ବ ଚଟଗାଓଁ ସହରର ଏକ ପ୍ରମୁଖ ଛକଠାରେ ଏକତ୍ରିତ ହୋଇ ସ୍ଲୋଗାନ ଦେଇଥିଲେ । ଦେଶର ଅନ୍ୟ ସ୍ଥାନରେ ମଧ୍ୟ ଏନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା ।

ହିନ୍ଦୁ ଗୋଷ୍ଠୀ କହିଛନ୍ତି ଯେ ଅଗଷ୍ଟ ଆରମ୍ଭରେ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଧର୍ମନିରପେକ୍ଷ ସରକାର ବହିଷ୍କାର ହେବା ପରେ ଏବଂ ହସିନା ଦେଶ ଛାଡି ପଳାଇବା ପରଠାରୁ ହିନ୍ଦୁମାନଙ୍କ ଉପରେ ଲଗାତାର ଆକ୍ରମଣ ହେଉଛି । ହସିନା ସରକାରଙ୍କ ପତନ ପରେ ନୋବେଲ ଶାନ୍ତି ପୁରସ୍କାର ବିଜେତା ମହମ୍ମଦ

ୟୁନୁସଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀ ସରକାର ଗଠନ କରାଯାଇଥିଲା ତେବେ ନୂଆ ସରକାରଙ୍କ ସମୟରେ ହିନ୍ଦୁଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଚିହ୍ନ ଲାଗିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟଛାତ୍ରମାନଙ୍କ ଆନ୍ଦୋଳନ ହିଂସାତ୍ମକ ହେବା ପରେ ଶେଖ ହସିନା ଦେଶ ଛାଡିଥିଲେ । ବାଂଲାଦେଶର ଜନସଂଖ୍ୟା ପ୍ରାୟ ୧୭ କୋଟି । ସେଥିମଧ୍ୟରୁ ହିନ୍ଦୁମାନେ ପ୍ରାୟ ୮ ପ୍ରତିଶତ । ଯେତେବେଳେ କି ଦେଶର ଜନସଂଖ୍ୟାର ୯୧ ପ୍ରତିଶତ ମୁସଲମାନ । ଦେଶର ପ୍ରଭାବଶାଳୀ ସଂଖ୍ୟାଲଘୁ ଗୋଷ୍ଠୀ 'ବାଂଲାଦେଶ ହିନ୍ଦୁ ବେଦ୍ଧ ଖ୍ରୀଷ୍ଟିଆନ ଏକତା ପରିଷଦ' କହିଛି ଯେ ଅଗଷ୍ଟ ୪ ତାରିଖରୁ ହିନ୍ଦୁମାନଙ୍କ ଉପରେ ୨ ହଜାରରୁ ଅଧିକ ଆକ୍ରମଣ ହୋଇଛି । ହିନ୍ଦୁ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ କହିଛନ୍ତି ଯେ ମଧ୍ୟବର୍ତ୍ତୀକାଳୀନ ସରକାର ସେମାନଙ୍କୁ ଯଥେଷ୍ଟ ସୁରକ୍ଷା ଦେଉ ନାହାନ୍ତି । ହସିନା ସରକାରଙ୍କ ପରେ, ମୂଳ ଇସଲାମବାଦୀମାନେ ଅଧିକ ପ୍ରଭାବଶାଳୀ ହେବାକୁ ଲାଗିଛନ୍ତି । ଅକ୍ଟୋବର ୨୫ରେ ସହରରେ ଅନୁଷ୍ଠିତ ରାଲିରେ ବିଶିଷ୍ଟ ପୁରୋହିତ ଚନ୍ଦନ କୁମାର ଧରଙ୍କ ସମେତ ୧୯ ଜଣ ହିନ୍ଦୁ ନେତାଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗରେ ଏକ ମାମଲା ବୁଧବାର ରୁଜୁ ହୋଇଥିଲା । ଶୁକ୍ରବାର ଦିନ ଚଟଗାଓଁରେ ଏହା ବିରୋଧରେ ଏକ ବିରୋଧର ଆୟୋଜନ କରାଯାଇଥିଲା । ଦୁଇ ନେତାଙ୍କ ଗିରଫଦାରୀକୁ ନେଇ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ଅସନ୍ତୁଷ୍ଟ ଅଛନ୍ତି । ଅଭିଯୋଗ ହୋଇଛି ଯେ ଅକ୍ଟୋବର ୨୫ ରାଲିରେ ଯୋଗ ଦେଉଥିବା ଏକ ଦଳ ବାଂଲାଦେଶ ଜାତୀୟ ପତାକା ଉପରେ ଏକ ଗେରିକ ପତାକା ଲଗାଇଥିବାର ଅଭିଯୋଗ ହୋଇଥିଲା । ଏହାକୁ ଜାତୀୟ ପତାକା ପ୍ରତି ଅପମାନ ବୋଲି ବିବେଚନା କରାଯାଇଥିଲା ।

ପପୁ ଯାଦବଙ୍କୁ ଧମକ ଦେଇଥିବା ଅଭିଯୁକ୍ତ

ସ୍ପିନର ଆଗରେ ଆତ୍ମସମର୍ପଣ

- ୱାନଖଡେ ଟେଷ୍ଟରେ ଭାରତର ଲଜ୍ଜାଜନକ ପରାଜୟ
- ଭାରତ ମାଟିରେ ପ୍ରଥମ ଥର କ୍ଲିନ୍‌ସୁଇପ୍ କଲା ନ୍ୟୁଜିଲାଣ୍ଡ
- ୧୪୭ ରନ୍‌କୁ ପିଛା କରି ଭାରତ ୧୨୧ ରନ୍‌ରେ ଅଲ୍‌ଆଉଟ୍
- ପନ୍ତଙ୍କୁ ଛାଡିଦେଲେ ଅନ୍ୟ ସବୁ ବ୍ୟାଟର ବିଫଳ
- ଏଜାଜ ପଟେଲଙ୍କ ପୁଣି ଚମତ୍କାର ବୋଲିଂ

ମୁମ୍ବାଇ,୩।୧୧: ଘରୋଇ ମାଟିରେ ଆତ୍ମସମର୍ପଣ କରିଛି ଭାରତ। ଟିମ୍ ଇଣ୍ଡିଆ।ର ୨୪ ବର୍ଷ ରେକର୍ଡ ଭାଙ୍ଗିଛି। ମୁମ୍ବାଇର ୱାନଖଡେ ଷ୍ଟାଡିୟମରେ ଖେଳାଯାଇଥିବା ଭାରତ-ନ୍ୟୁଜିଲ୍ୟାଣ୍ଡର ଶେଷ ଟେଷ୍ଟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ। ୨୫ ରନ୍‌ରେ ହାରିଛି।ଭାରତକୁ ବିଜୟ ପାଇଁ ୧୪୭ ରନ୍‌ର ଟାର୍ଗେଟ ମିଳିଥିଲା। କିନ୍ତୁ ଭାରତୀୟ ବ୍ୟାଟର ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ଭାରତୀୟ ଟିମ୍ ନିଜର ଦ୍ୱିତୀୟ ପାଳିରେ ୧୨୧ ରନ୍ କରିପାରିଥିଲେ। ଏହି ବିଜୟ ସହ କ୍ୱିଜ୍ ଟିମ୍ ୩-୦ରେ ସିରିଜ୍ କବଜା କରିଛି। ନ୍ୟୁଜିଲ୍ୟାଣ୍ଡର ବିଜୟର ହିରୋ ସାଜିଛନ୍ତି ଏଜାଜ ପଟେଲ୍ ଯିଏକି ଦ୍ୱିତୀୟ ପାଳିରେ ୬ ୱିକେଟ ନେଇଥିଲେ ଏଜାଜ୍ ପ୍ରଥମ ଇଂନିସରେ ୫ ୱିକେଟ ନେଇଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ୱିଲ ୟଙ୍ଗଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ କରାଯାଇଛି।

୨୪ ବର୍ଷ ପରେ ଘରୋଇ ମଇଦାନରେ ଟେଷ୍ଟ ସିରିଜ୍ ହାରିଛି ଭାରତୀୟ ଟିମ୍। ଏହାପୂର୍ବରୁ ୨୦୦୦ରେ ସାଉଥ୍ ଆ।ଫ୍ରିକା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ସିରିଜ୍‌ରେ ହରାଇଥିଲା। ଏହାସହିତ ପ୍ରଥମଥର ପାଇଁ ଭାରତୀୟ ଟିମ୍ ନିଜ ଘରୋଇ ମାଟିରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ହାରିଛି।ଏହି ପରାଜୟ ଭାରତୀୟ ଟିମ୍ ପାଇଁ ବେଶ୍ ଲଜ୍ୟାଜନକ ରହିଛି।

ମୁମ୍ବାଇ ଟେଷ୍ଟର ଦ୍ୱିତୀୟ ଇନିଂସରେ ୧୪୭ ରନ୍ ପଛରେ ପଡିଥିଲା ଟିମ୍ ଇଣ୍ଡିଆ। ରିଷଭ ପନ୍ତଙ୍କ ୬୪ ରନ୍‌ର ଇନିଂସ ବ୍ୟତୀତ କୌଣସି ବ୍ୟାଟର କ୍ରିଜ୍‌ରେ ଠିଆ ହୋଇପାରିନଥିଲେ। ୮ ବ୍ୟାଟର ୧୦ରୁ କମ୍ ରନ ସ୍କୋର କରିଥିଲେ। ଏଜାଜ୍ ପଟେଲ ଏବଂ ଗ୍ଲେନ୍ ଫିଲିପ୍ସଙ୍କ ସ୍ପିନ୍ ଆ।ଗରେ ପୁରା ଟିମ୍ ମାଟି କାମୁଡିଥିଲା। ଦ୍ୱିତୀୟ ଇନିଂସରେ ଅଧିନାୟକ ରୋହିତ ଶର୍ମା ୧୧ ରନ୍ ଏବଂ ଓପନିଂ ପାର୍ଟନର ଯଶସ୍ୱୀ ଜୈସାଲ କରିଥିଲେ ମାତ୍ର ୫ ରନ୍।

ଏହାବ୍ୟତୀତ କିଓ୍ୱି ଟିମ୍‌କୁ ପିଛା କରି ବିରାଟ କୋହଲି ମାତ୍ର ୧ ରନ୍ କରି ହୋଇଥିଲେ ଆଉଟ। ତାଙ୍କ ବ୍ୟତୀତ ଶୁଭମାନ ଗିଲ ଏବଂ ସରଫରାଜ ଖାନ ୧ ଲେଖାଏଁ ସ୍କୋର କରିଥିଲେ। ସେହିପରି ରବୀନ୍ଦ୍ର ଜାଡେଜା ୬ରନ୍ କରିଥିବା ବେଳେ ୱାଶିଂଟନ୍ ସୁନ୍ଦର ୧୨ ରନ୍ ସଂଗ୍ରହ କରିଥିଲେ। ଅଶ୍ୱିନ୍ ୮ ରନ୍ ସ୍କୋର କରିବା ପରେ ପ୍ୟାଭିଲିୟନକୁ ଫେରିଥିଲେ। ଆକାଶ ଦୀପ ଏବଂ ସିରାଜ ଖାତା ଖୋଲି ପାରିନଥିଲେ। ତେବେ ମୁମ୍ବାଇ ଟେଷ୍ଟ ଜିତି ନ୍ୟୁଜିଲ୍ୟାଣ୍ଡ ସୃଷ୍ଟି କରିଛି ଇତିହାସ। ସେ ୱାଙ୍ଖଡେରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର ଡିଫେନ୍ କରିଛି ।

ଏହାପୂର୍ବରୁ ନ୍ୟୁଜିଲ୍ୟାଣ୍ଡ ୧୯୭୮ରେ ଲେଙ୍ଗଟନରେ ଇଂଲଣ୍ଡ ବିପକ୍ଷରେ ୧୩୭ ରନ୍ କରିଥିଲା। ଏହା ସହିତ ସିରିଜକୁ ୩-୦ରେ ନିଜ ନାଁରେ କରିଥିଲା। କେବଳ ଏତିକି ନୁହେଁ ଭାରତୀୟ ଟେଷ୍ଟ କ୍ରିକେଟର ୯୨ ବର୍ଷର ଇତିହାସରେ ଏହା ହେଉଛି ସବୁଠାରୁ ବଡ ପରାଜୟ । ୩ କିମ୍ବା ଏହାଠାରୁ ଅଧିକ ମ୍ୟାଚର ଟେଷ୍ଟ ସିରିଜରେ ଭାରତକୁ କ୍ଲିନ୍ ସ୍ୱିପ୍ କରିବାରେ ନ୍ୟୁଜିଲ୍ୟାଣ୍ଡ ହୋଇଛି ପ୍ରଥମ ଟିମ୍।

ରୋହିତ ଶର୍ମାଙ୍କ ନାଁରେ ଲଜ୍ଜାଜନକ ରେକର୍ଡ

ନୂଆଦିଲ୍ଲୀ,୩।୧୧: ଭାରତୀୟ ଦଳ ମୁମ୍ବାଇରେ ଖେଳା ଯାଇଥିବା ଶେଷ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ହାତରୁ ୨୫ ରନରେ ପରାଜିତ ହୋଇଛି। ଏହି ପରାଜୟ ସହ ଭାରତ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୩-୦ରେ କ୍ଲିନ ସୁଇପର ଶିକାର ହୋଇଛି। ଭାରତୀୟ ଟେଷ୍ଟ ଇତିହାସରେ ପ୍ରଥମ ଥର ଦଳ ଏମିତି ଲଜ୍ଜାଜନକ ସିରିଜ ପରାଜୟ ଭୋଗିଛି। ଏହା ସହିତ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ନାମରେ ଆଉ ଏକ ଲଜ୍ଜାଜନକ ରେକର୍ଡ ରହି ଯାଇଛି। ଘରୋଇ ମାଟିରେ ସର୍ବାଧିକ ମ୍ୟାଚ୍ ହାରିଥିବା ଭାରତୀୟ ଅଧିନାୟକଙ୍କ ତାଲିକାରେ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି ଏହି କ୍ଷେତ୍ରରେ ରୋହିତ ପୂର୍ବତନ ଅଧିନାୟକ ମହମ୍ମଦ ଆଜାରୁଦ୍ଦୀନ ଓ କପିଲ ଦେବଙ୍କୁ ପଛରେପ ପକାଇଛନ୍ତି।

ରୋହିତ ଶର୍ମା ଅଧିନାୟକ ଭାବେ ଏ ପର୍ଯ୍ୟନ୍ତ ଘରୋଇ ମାଟିରେ ୧୬ଟି ମ୍ୟାଚ୍ ଖେଳିଛନ୍ତି ଏଥିରୁ ଦଳ ୫ଟି ମ୍ୟାଚ୍ ହାରିଛି। ଆଜାରୁଦ୍ଦୀନ ଓ କପିଲ ଦେବ ଘରୋଇ ମାଟିରେ ନିଜ ଅଧିନାୟକତ୍ୱରେ ୪-୪ ମ୍ୟାଚ୍ ହାରିଥିଲେ। ତାଲିକାରେ ଟାଇଗର ପଟୌଦୀ ୨୭ଟି ମ୍ୟାଚ୍‌ରୁ ୯ଟି ହାରି ଶୀର୍ଷରେ ରହିଛନ୍ତି। ଏମଏସ ଧୋନୀ ଓ ବିରାଟ କୋହଲିଙ୍କ ଅଧିନାୟକ୍ ଉପରେ ନଜର ପକାଇଲେ ଧୋନୀ ଭାରତୀୟ ମାଟିରେ ୩୦ଟି ମ୍ୟାଚ୍ ଖେଳି ମାତ୍ର ୩ଟି ହାରିଥିଲା। ଅନ୍ୟପଟେ ବିରାଟ କୋହଲିଙ୍କ ଅଧିନାୟକ୍‌ରେ ଭାରତ ନିଜ ଘରେ ମାତ୍ର ୨ଟି ମ୍ୟାଚ୍ ହାରିଥିଲା।

୯ ଟାଇଗର ପଟୌଦୀ(୨୭ ମ୍ୟାଚ୍)
୫*- ରୋହିତ ଶର୍ମା(୧୬ ମ୍ୟାଚ୍)
୪ ମହମ୍ମଦ ଆଜାରୁଦ୍ଦୀନ(୨୦ ମ୍ୟାଚ୍)
୪ କପିଲ ଦେବ(୨୦ ମ୍ୟାଚ୍)
୩ ବିଶନ ସିଂ ବେଦୀ (୮ ମ୍ୟାଚ୍)
୩ ଏମଏସ ଧୋନୀ(୩୦ ମ୍ୟାଚ୍)
୩ ସୌରଭ ଗାଙ୍ଗୁଲି(୨୧ ମ୍ୟାଚ୍)
୩ ସଚିନ ତେନ୍ଦୁଲକର(୧୨ ମ୍ୟାଚ)

ଅନ୍ତଃ ବିଶ୍ୱ ବିଦ୍ୟାଳୟ ବ୍ୟାଡ଼ମି□ନ ପୁରୁଷ ଦଳର ମଣିପୁର ଗସ୍ତରେ ଆସିକାର ଅବିନାଶ

ଆ।ସିକା,୩।୧୧- ମଣିପୁର ସ୍ଥିତ ନ୍ୟାସନାଲ ସ୍ପୋର୍ଟସ ୟୁନିଭରସିଟି, ଇମ୍ଫାଲ ଠାରେ ପୂର୍ବାଞ୍ଚଳଆ।ନ୍ତଃବିଶ୍ୱଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଆ।ସିକା ର ଅବିନାଶ ମୁନି ପାଞ୍ଚ ଜଣିଆ। ଟିମ ରେ ସ୍ଥାନ ପାଇଛନ୍ତି ରବିବାର ଦିନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବା ନିମନ୍ତେ ବାହାରିଛନ୍ତି ଅବିନାଶ ଧରାକୋଟ ସରକାରୀ ଡିଗ୍ରୀ ମହାବିଦ୍ୟାଳୟର +୩ ଛାତ୍ର ଅଟନ୍ତି ସେ ପୂର୍ବରୁ ବ୍ୟାଡ଼ ମି□ନ ରେ ଗଞ୍ଜାମ ଜିଲ୍ଲାରୁ ତିନି ତିନି ଥର ଚମ୍ପିୟାନ ହୋଇ ଥିବା ବେଳେ ୧୯ ବର୍ଷ ବର୍ଗ ରେ ଓଡିଶା ରୁ ଡବଲସ ଖେଳି ଚମ୍ପିୟନ ହୋଇଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଅନ୍ତଃ ବିଶ୍ ବିଦ୍ୟାଳୟ ପ୍ରତିଯୋଗିତା ରେ ଭାଗ ନେଇ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇ କ୍ରୀଡ଼ା ପରିଷଦପକ୍ଷରୁ ଆ।ଜି ବ୍ୟାଡ଼ମି□ନ ପୁରୁଷମହାବିଦ୍ୟାଳୟର ଅବିନାଶ ମୁନୀ ରହିଥିବା ବେଳେମ୍ୟାନେଜର ଭାବେ ବ୍ରହ୍ମପୁର ଇମ୍ପିରିଆ।ଲ କଲେଜରକ୍ରୀଡା ଅଫିସର ସୁଧାଂଶୁ ଅଗସ୍ତି ଦଳ ସହ ଗସ୍ତ କରିଛନ୍ତି ଏହି ଦଳ ଚଳିତ ମାସ ୦୬ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରତିଯୋଗିତା ରେ ଭାଗ ନେବାକୁ ଗ୍ରସ୍ତ କରିଛନ୍ତି କ୍ରୀଡ଼ା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ.ସମ୍ପାଦକ ଡ.ସାରଦା ପ୍ରସାଦ ସାହୁ ରାକେଶକୁମାର ମହାନ୍ତି, ରବିଚରଣ ମିଶ୍ର,ସୁଧାକର ବିଷୋୟୀ, ସଚ୍ଚିଦାନନ୍ଦଦାଶ, ଦୀପକ ତିବରବାଲା ଓ ପ୍ରଦୀପନାୟକ ସମେତ ଆ।ସିକା ର ବୁଦ୍ଧିଜୀବୀ, ସମାଜ ସେବୀ, କ୍ରୀଡା ପ୍ରେମୀ, ସାମ୍ବାଦିକ, ଆ।ଇନଜୀବି ଏବଂ ରାଜନୀତି ବ୍ୟକ୍ତି ବିଶେଷ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ବାରବାଟୀ ମ୍ୟାଚ୍ ପାଇଁ ବଢ଼ିଲା ଟିକେଟ ମୂଲ୍ୟ

କଟକ,୩।୧୧:୨୦୨୫ ଫେବୁଆରୀ ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଦିନିକିଆ। ମ୍ୟାଚ ପାଇଁ ଟିକେଟ ମୂଲ୍ୟ ଧାର୍ଯ୍ୟ କଲା ଓଡ଼ିଶା କ୍ରିକେଟ ଆ।ସୋସିଏସନ ବା ଓସିଏ ଓସିଏ। ସମ୍ମିଳନୀ କକ୍ଷରେ ଆ।ଜି ବସିଥିବା ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକର ଟିକେଟ ମୂଲ୍ୟ ଧାର୍ଯ୍ୟ କରାଯାଇଛି।

ଗ୍ୟାଲେରୀ ନମ୍ବର ୧ ପାଇଁ ଟିକେଟର ମୂଲ୍ୟ ୧୨୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ୨ ପାଇଁ ୧୦୦୦, ୩ ପାଇଁ ୧୨୦୦, ୪ ପାଇଁ ୧୦୦୦, ୫ ପାଇଁ ୧୫୦୦, ୬ ପାଇଁ ୧୨୦୦ ଓ ୭ ନମ୍ବର ଗ୍ୟାଲେରୀ ପାଇଁ ୮୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ସ୍ପେଶାଲ ଏନ୍‌କ୍ଲୋଜର ପାଇଁ ଟିକେଟର ମୂଲ୍ୟ ୭୦୦୦ ଟଙ୍କା ରହିଥିବା ବେଳେ ଏସି ଗ୍ୟାଲେରୀ ବକ୍ସ ପାଇଁ ୯୦୦୦ ଟଙ୍କା, କର୍ପୋରେଟ ବକ୍ସ ପାଇଁ ୨୦ ହଜାର ଟଙ୍କା ଓ ନ୍ୟ ପ୍ୟାଭିଲିୟନ ପାଇଁ ଟିକେଟର ଦାମ ୧୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି।ବାରବାଟୀ ଷ୍ଟାଡିୟମର ସିଟ୍ କ୍ଷମତା ୪୪ ହଜାର ୫୨୪ ରହିଛି ବୋଲି ଓସିଏ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍‌ରେ କୁହାଯାଇଛି। ତେବେ ଗତ ମ୍ୟାଚ ଅପେକ୍ଷା ଏହି ମ୍ୟାଚ ପାଇଁ ଟିକେଟ ଦରରେ ଯଥେଷ୍ଟ ବୃଦ୍ଧି କରାଯାଇଛି। ଆ।ଜିର ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧକ୍ଷ ବିକାଶ ପ୍ରଧାନଙ୍କ ସହ ଓସିଏ କର୍ମକର୍ତ୍ତା ଯୋଗ ଦେଇଥିଲେ।

ପଏଣ୍ଟ ଟେବୁଲରେ ତଳକୁ ଖସିଲା ଭାରତ

ମୁମ୍ବାଇ: ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଲଜ୍ଜାଜନକ ପରାଜୟର ସମ୍ମୁଖୀନ ହେବା ପରେ ବିଶ୍ୱ ଟେଷ୍ଟ ଚମ୍ପିଅନସିପ ପଏଣ୍ଟ ଟେବୁଲରେ ଭାରତ କିଛି ପଏଣ୍ଟ ହରାଇବା ସହ ତଳକୁ ଖସିଆ।ସିଛି ଭାରତ ଉପରକୁ ଉଠିଛି ଅଷ୍ଟ୍ରେଲିଆ।।ତିନିଟିକିଆ। ଟେଷ୍ଟ ସିରିଜରେ ନ୍ୟୁଜିଲାଣ୍ଡ ଟିମ୍ ଇଣ୍ଡିଆ।କୁ ୦-୩ରେ ପରାସ୍ତ କରିଛି। ଏହି ପରାଜୟ ଯୋଗୁଁ ଆ।ଇସିସି ବିଶ୍ୱ ଟେଷ୍ଟ ଚମ୍ପିଅନସିପର ପଏଣ୍ଟ ଟେବୁଲରେ ଗୋଟିଏ ସ୍ଥାନ ତଳକୁ ଖସିଯାଇଛି ଟିମ୍ ଇଣ୍ଡିଆ। ଅଷ୍ଟ୍ରେଲିଆ। ଏହି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି ଭାରତ ଏବେ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି ଭାରତ। ଏପର୍ଯ୍ୟନ୍ତ ୧୪ଟି ମ୍ୟାଚ୍ ଖେଳି ୮ଟିରେ ବିଜୟୀ ହୋଇଛି। ଏହା ସହ ସେ ୫ଟିରେ ମଧ୍ୟ ପରାଜୟର ସମ୍ମୁଖୀନ ହୋଇଛି।ଅଷ୍ଟ୍ରେଲିଆ। ୧୨ଟି ମ୍ୟାଚ୍ ଖେଳି ୮ଟିରେ ବିଜୟୀ ହୋଇଛି।ସେ ୩ଟି ମ୍ୟାଚରେ ପରାଜୟ ବରଣ କରିଛି ୩ୟ ସ୍ଥାନରେ ରହିଛି ଶ୍ରୀଲଙ୍କା ଓ ୪ର୍ଥରେ ରହିଛି ନ୍ୟୁଜିଲାଣ୍ଡ । ଭାରତ ଏପର୍ଯ୍ୟନ୍ତ ୧୪ଟି ମ୍ୟାଚ୍ ଖେଳି ୮ଟିରେ ବିଜୟୀ ହୋଇଛି ।ଏହା ସହ ସେ ୫ଟିରେ ମଧ୍ୟ ପରାଜୟର ସମ୍ମୁଖୀନ ହୋଇଛି ଅଷ୍ଟ୍ରେଲିଆ। ୧୨ଟି ମ୍ୟାଚ୍ ଖେଳି ୮ଟିରେ ବିଜୟୀ ହୋଇଛି ସେ ୩ଟି ମ୍ୟାଚରେ ପରାଜୟ ବରଣ କରିଛି ୩ୟ ସ୍ଥାନରେ ରହିଛି ଶ୍ରୀଲଙ୍କା ଓ ୪ର୍ଥରେ ରହିଛି ନ୍ୟୁଜିଲାଣ୍ଡ ।ଭାରତର ପଏଣ୍ଟ ସଂଖ୍ୟା (୯୮) ଅଷ୍ଟ୍ରେଲିଆ। (୯୦)ଠାରୁ ଅଧିକ ହେଲେ ବି ପଏଣ୍ଟ ପ୍ରତିଶତ ହିସାବ ଅନୁସାରେ ଅଷ୍ଟ୍ରେଲିଆ। ଭାରତଠାରୁ ଆ।ଗୁଆ। ରହିଛି ଅଷ୍ଟ୍ରେଲିଆ।ର ପଏଣ୍ଟ ପ୍ରତିଶତ ୬୨.୫୦ ଥିବାବେଳେ ଭାରତର ୫୮.୩୩ ରହିଛି ।

ବ୍ୟାଟିଂକୁ ଦୋଷ ଦେଲେ ରୋହିତ

ମୁମ୍ବାଇ: ଭାରତୀୟ ବ୍ୟାଟ୍‌ମ୍ୟାନ୍ ନ୍ୟୁଜିଲ୍ୟାଣ୍ଡର ସ୍ପିନ୍ ବୋଲରଙ୍କର ମୁକାବିଲା କରି ପାରି ନ ଥିଲେ ଅଧିନାୟକ ରୋହିତ ଶର୍ମା। ଏହି ପୁରା ସିରିଜରେ ଫ୍ଲପ୍ ପ୍ରମାଣିତ ହୋଇଥିଲେ ଏହି ପରାଜୟ ପରେ ଏବେ ରୋହିତ ଶର୍ମା।ଙ୍କର ଏକ ବଡ ବିବୃତି ଆ।ସିଛି ରୋହିତ କହିଛନ୍ତି ଟିମ୍ ଇଣ୍ଡିଆ।କୁ କେଉଁ କାରଣରୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଲା।

ପରାଜୟ ପରେ ରୋହିତ କହିଛନ୍ତି, ହଁ ଅବଶ୍ୟ, ସିରିଜ୍ ହାରିବା, ଟେଷ୍ଟ ହାରିବା କେବେ ସହଜ ନୁହେଁ। ଏହା ଏପରି କିଛି ଯାହା ସହଜରେ ସହ୍ୟ ହୁଏ ନାହିଁ। ପୁନଶ୍ଚ, ଆ।ମେ ଆ।ମର ଶ୍ରେଷ୍ଠ କ୍ରିକେଟ୍ ଖେଳି ନାହୁଁ, ଆ।ମେ ଜାଣୁ ଏବଂ ଏହାକୁ ଗ୍ରହଣ କରିବାକୁ ପଡିବ। ଆ।ମ ଅପେକ୍ଷା ନ୍ୟୁଜିଲ୍ୟାଣ୍ଡ ବହୁତ ଭଲ ପ୍ରଦର୍ଶନ କରିଥିଲା।ଆ।ମେ ବହୁତ ଭୁଲ କରିଛୁ ଏବଂ ଏହାକୁ ସ୍ୱୀକାର କରିବାକୁ ପଡିବ।

ଆ।ମେ ବେଙ୍ଗାଲୁରୁ ଏବଂ ପୁଣେରେ ପର୍ଯ୍ୟାପ୍ତ ରନ୍ ସ୍କୋର କରିନାହୁଁ ତଥା ଖେଳରେ ଆ।ମେ ବହୁତ ପଛରେ ରହିଥିଲୁ। ଏଠାରେ ଆ।ମେ ୩୦ ରନ୍‌ର ଅଗ୍ରଣୀ ପାଇଲୁ, ଆ।ମେ ଅନୁଭବ କଲୁ ଯେ ଆମେ ଆଗରେ ଅଛୁ, ଲକ୍ଷ୍ୟ ମଧ୍ୟ ହାସଲ ଯୋଗ୍ୟଥିଲା। ଆ।ମକୁ ଚେଷ୍ଟା କରିବାକୁ ପଡିଥାନ୍ତା ଯାହା ଆ।ମେ କରିବାରେ ବିଫଳ ହୋଇଥିଲୁ।ମୋ ନିଜ ବ୍ୟାଟିଂ ମଧ୍ୟ ନୈରାଶ୍ୟଜନକଥିବା ସେ କହିଛନ୍ତି।

ସ୍ୱାଧୀନତା ପରେ ଏମତ ହୋଇନଥିଲା

ମୁମ୍ବାଇ,୩।୧୧: ୧୩ ବର୍ଷ ତଳେ ଯେଉଁ।ଙ୍ଖେଡେରେ ଭାରତୀୟ ଟିମ ଦିନିକିଆ ବିଶ୍ୱକପ ଜିତିଥିଲା। ଆଜି ସେଠାରେ ଦଳ ନିଜ ଟେଷ୍ଟ ଇତିହାସର ସବୁଠାରୁ ଲଜ୍ଜାଜନକ ସ୍ଥିତିର ସମ୍ମୁଖୀନ ହୋଇଛି। ଭାରତ-ନ୍ୟୁଜିଲ୍ୟାଣ୍ଡ ତୃତୀୟ ଟେଷ୍ଟ ନାଟକୀୟ ଢଙ୍ଗରେ ଶେଷ ହେବା ସହ ଭ୍ରମଣକାରୀ ଦଳ ସିରିଜ ମୂଳପୋଛ କରିଛି। ନ୍ୟୁଜିଲ୍ୟାଣ୍ଡ ପ୍ରଥମଥର ପାଇଁ ଭାରତ ଉପ ମହାଦେଶରେ ଟେଷ୍ଟ ସିରିଜ୍ ମୂଳପୋଛ କରିବାର ରେକର୍ଡ କରିଛି। ତୃତୀୟ ଟେଷ୍ଟରେ ଭାରତ ସମ୍ମାନ ରକ୍ଷା କରିବାର ଆଶା ସେଯାଏ ଥିଲା ଯେଉଁ ପର୍ଯ୍ୟନ୍ତ ଋଷଭ ପନ୍ତ ବ୍ୟାଟିଂ କରୁଥିଲେ। ହେଲେ ବିବାଦୀୟ ଢଙ୍ଗରେ ସେ ଆଉଟ ହେବା ପରେ ଭାରତ ବିଜୟ ଟ୍ରାକରୁ ବାହାରି ଯାଇଥିଲା। ୧୬ ରନରେ ଦଳ ଶେଷ ୫ ୱିକେଟ ହରାଇ ଲଜ୍ଜାଜନକ ପରାଜୟର ସମ୍ମୁଖୀନ ହୋଇଛି। ଆଜିର ପରାଜୟ ପରେ ଭାରତର ଟେଷ୍ଟ କ୍ରିକେଟରେ ନୂଆ ଲଜ୍ଜାଜନକ ରେକର୍ଡ ଯୋଡ଼ି ହୋଇଯାଇଛି। ଭାରତ ପ୍ରଥମଥର ପାଇଁ ୩ କିମ୍ବା ତା ଠାରୁ ଅଧିକ ଟେଷ୍ଟ ଘରୋଇ ମାଟିରେ ଖେଳି ଗୋଟିଏ ହେଲେ ବି ଜିତି ପାରିନାହିଁ। ନ୍ୟୁଜିଲ୍ୟାଣ୍ଡ ବିଶ୍ୱର ପ୍ରଥମ ଟିମ ଭାବେ ଭାରତକୁ ତାରି ମାଟିରେ ୦-୩ରେ

ହରାଇବାକୁ ସକ୍ଷମ ହୋଇଛି।

ଭାରତ ପ୍ରଥମଥର ପାଇଁ ଇଂଲଣ୍ଡ ସହ ଘରୋଇ ମାଟିରେ ୩ଟିକିଆ ଟେଷ୍ଟ ସିରିଜ ଖେଳିଥିଲା। ୧୯୩୩-୩୪ରେ ଏହି ସିରିଜ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତା ପୂର୍ବରୁ ହୋଇଥିବା।ଏହି ସିରିଜରେ ଭାରତୀୟ ଟିମକୁ ଇଂଲଣ୍ଡ ୨-୦ରେ ହରାଇ ଦେଇଥିଲା।

ଏହାପର ଠାରୁ ଭାରତୀୟ ଟିମ କେବେ ହେଲେ ଘରୋଇ ମାଟିରେ ୩ କିମ୍ବା ତାରୁ ଅଧିକ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ମୂଳପୋଛ ହୋଇ ନଥିଲା। ସ୍ୱାଧୀନ ଭାରତରେ ନ୍ୟୁଜିଲ୍ୟାଣ୍ଡ ପ୍ରଥମ ଟିମ ଭାବେ ଭାରତକୁ ତାରି ଗଡ଼ରେ ମୂଳପୋଛ କରି ଦେଇଛି।ସେହିପରି ନ୍ୟୁଜିଲ୍ୟାଣ୍ଡ ୩-୦ରେ ସିରିଜ ଜିତିବା ପରେ ବିଶ୍ୱର ୪ର୍ଥ ଦଳ ଭାବେ ଭାରତକୁ କୌଣସି ୩ କିମ୍ବା ତାଠାରୁ ଅଧିକ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଗୋଟିଏ ହେଲେ ମ୍ୟାଚ୍ ଜିତିବାକୁ ଦେଇ ନାହିଁ। ଇଂଲଣ୍ଡ ଏପରି କାରନାମା ୪ଥର କରିଥିବା ବେଳେ ଅଷ୍ଟ୍ରେଲିଆ ୩ଥର ଓ ଷ୍ଟେଇଣ୍ଡିଜ୍ ମାତ୍ର ଗୋଟିଏ ଥର ଭାରତକୁ ୩+ ଟେଷ୍ଟ ସିରିଜ୍‌ରେ ମୂଳପୋଛ କରିଛନ୍ତି।ଅନ୍ୟପକ୍ଷରେ ନ୍ୟୁଜିଲ୍ୟାଣ୍ଡ ପ୍ରଥମଥର ପାଇଁ ଘରେ କିମ୍ବା ବିଦେଶରେ ଗୋଟିଏ ସିରିଜରେ ୩ଟି ଟେଷ୍ଟ ସିରିଜ ଜିତିଛି ସେହିପରି କି୍ ଟିମ ତାର ଟେଷ୍ଟ ଇତିହାସରେ କେବେ ହେଲେ ବିଦେଶ ମାଟିରେ କୌଣସି ସିରିଜର ପ୍ରଥମ ୩ ଟେଷ୍ଟ ଜିତି ନଥିଲା ଭାରତ ବିପକ୍ଷରେ ଦଳ ଇତିହାସ ସୃଷ୍ଟି କରିଛି। ୨୦୧୨ ଡିସେମ୍ବରରେ ଭାରତ ୧-୨ରେ ଇଂଲଣ୍ଡ ଠାରୁ ଟେଷ୍ଟ ସିରିଜ ହାରିବା ପରେ ବାଉନ୍ସ ବ୍ୟାକ କରି କ୍ରମାଗତ ୧୮ଟି ସିରିଜ ଜିତିଥିଲା। ହେଲେ ଏହି ସିରିଜରେ ଭାରତର ବିଜୟ ଦୁର୍ଗକୁ ନ୍ୟୁଜିଲ୍ୟାଣ୍ଡ ଭାଙ୍ଗି ଦେଇଥିଲା। ପୁଣେ ଟେଷ୍ଟକୁ ଜିତି ନ୍ୟୁଜିଲ୍ୟାଣ୍ଡ ୨-୦ରେ ଆ।ଗୁଆ। ଟେଷ୍ଟ ସିରିଜକୁ କବଜା କରି ନେଇଥିଲା। ଏବେ ଦଳ ୩-୦ରେ ସିରିଜ ମୂଳପୋଛ କରିଛି।

Printed & Published by